শ্রীমন্দির পরিক্রমা প্রকল্প


# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା-୪ ଓ ୫


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

e-paper www.sambadkalika.in

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୪୧ ● ୧୦ଜାନୁଆରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -30 ● Issue-341 ● 10th January 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24



DSPL-521

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା



# ନିଯୁକ୍ତି ପର୍ବ

## ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

Skilled in ODISHA

| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ଉଚ୍ଚ ଶିକ୍ଷା ବିଭାଗ |
|---|---|
| ୩୫୪ ନୂଆ ନିଯୁକ୍ତି | ୧୫୮ ନୂଆ ନିଯୁକ୍ତି |

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ**

**୧୦ ଜଣ ଆସିଷ୍ଟାଣ୍ଟ ପ୍ରଫେସର**

**୧୯୪ ଜଣ ସହକାରୀ ତାଲିମ ଅଧିକାରୀ**

**ଏବଂ**

**୧୫୦ ଜଣ କନିଷ୍ଠ ସହାୟକ**

**ଉଚ୍ଚ ଶିକ୍ଷା ବିଭାଗ**

**ସରକାରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସରଙ୍କ ନିଯୁକ୍ତି**

ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୧୦ ଜାନୁଆରୀ ୨୦୨୪ ॥ ସନ୍ଧ୍ୟା ୫ଟା

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

OIPR : 11001/13/0060/2324




ପୃଷ୍ଠା- ୪ ଓ ୫



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

e-paper www.sambadkalika.in

ସମ୍ବାଦ କଳିକା TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008








୮ଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୪୧ ● ୧୦ଜାନୁଆରୀ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -30 ● Issue-341 ● 10th January 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24


# ବିଶ୍ୱାସ ହେଉନଥିବା ଭଳି ସ୍ୱପ୍ନ ପୂରଣ କରନ୍ତି ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୯।୧**

**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରିକୁ ବିମାନସେବା ଏକ ଅବିଶ୍ୱସନୀୟ ସ୍ୱପ୍ନ ଥିଲା । ବିଶ୍ୱାସ କରି ହେଉନଥିବା ଭଳି ସପ୍ନକୁ ସାକାର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମଙ୍ଗଳବାର ମାଲକାନଗିରି, ନବରଙ୍ଗପୁର ଜିଲ୍ଲାର ରାଇଘର ଏବଂ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଠାରେ ଆୟୋଜିତ ସାଧାରଣ ସଭାରେ ୫-ଟି ତଥା ନବୀନ ଓଡିଶା ଅଧକ୍ଷ ଭି.କେ ପାଣ୍ଡିଆନ ଏହା କହିଛନ୍ତି ।

ମାଲକାନଗିରି ଠାରେ ବିମାନସେବା ଶୁଭାରମ୍ଭ ହେବା ଏକ ଅବିଶ୍ୱସନୀୟ ସପ୍ନ ଥିଲା । ତାକୁ ମୁଖ୍ୟମନ୍ତ୍ରୀ ଆଜି କରି ଦେଖାଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ କି ଲକ୍ଷ୍ମୀ ଯୋଜନା, ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲକାନଗିରିରୁ ହିଁ ଏହି ସବୁ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ । ମାଲକାନଗିରିକୁ ଗତ ୯ମାସ ଭିତରେ ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ୪ହଜାର ୫ କୋଟି ଓ ସପ୍ତଧାରା ପ୍ରକଳ୍ପ ଛଡା ମାଲକାନଗିରିର ଅନ୍ୟାନ୍ୟ




ଉନ୍ନୟନମୂଳକ କାମ ପାଇଁ ୭୮୬କୋଟି ଅନୁଦାନ ପ୍ରଦାନ କରାଯାଇଛି । ନବରଙ୍ଗପୁର ଜିଲ୍ଲାକୁ ୪୫୦ କୋଟି ଏବଂ କୋରାପୁଟ ଜିଲ୍ଲାକୁ ୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ । କେବଳ ସେତିକି ନୁହେଁ କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ୬ଟି ଡିଗ୍ରୀ କଲେଜ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି । ଏହି ସବୁ କଲେଜରେ *(ପୃଷ୍ଠା ୭ରେ)*

# ବ୍ରହ୍ମପୁରରେ ଉତ୍ପାଦନ ହେବ ଆନ୍ଥ୍ରାକ୍ସ ଓ ଇଏନଟି ଟିକା

## ଋଷୀଙ୍କ ରୋଜଗାର ବୃଦ୍ଧିରେ ଗ୍ରହଣ କରିବ ପ୍ରମୁଖ ଭୂମିକା

**ବ୍ରହ୍ମପୁର, ୯।୧**

**ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁରରେ ଉତ୍ପାଦନ ହେବ ଆନ୍ଥ୍ରାକ୍ସ ଓ ଇଏନଟି ଟିକା । ଏନେଇ ଅତ୍ୟାଧୁନିକ ଜିଏମପି ଲାବୋରୋଟରୀ ପ୍ରତିଷ୍ଠା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ଓ ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିନାମା ସ୍ୱାକ୍ଷରିତ ବେଳେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ରହିଥିଲେ । ୩୬ ମାସ ମଧ୍ୟରେ ୫୨.୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଏହି ଅତ୍ୟାଧୁନିକ ଲାବୋରୋଟୋରୀ । ବାର୍ଷିକ ୫୦ ଲକ୍ଷ ଆନ୍ଥ୍ରାକ୍ସ ଓ ୨ କୋଟି ଇ.ଏନ୍.ଟି.ଭି ଟିକା ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଚୁକ୍ତିନାମାରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରମାଶିଷ ହାଜରା ଓ ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ସିନିୟର ଜେନେରାଲ ମ୍ୟାନେଜର ସୁନୀଲ ସିହ୍ନା ସ୍ୱାକ୍ଷର କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସଂପନ୍ନ ପଦକ୍ଷେପ ଫଳରେ ରାଜ୍ୟ ସବୁକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପ୍ରାଣୀପାଳନ ରାଜ୍ୟର ଋଷୀମାନଙ୍କ ରୋଜଗାର ଓ ଆୟବୃଦ୍ଧି ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହା ରାଜ୍ୟର ପ୍ରାଣୀସଂପଦ କଲ୍ୟାଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଛନ୍ତି ମନ୍ତ୍ରୀ । କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ରାଷ୍ଟ୍ରୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ବରିଷ୍ଠ ଜେନେରାଲ ମ୍ୟାନେଜର ସୁନୀଲ ସିହ୍ନା, ନାବାର୍ଡର ସିଜିଏମ ସୁଧାଂଶୁ କେ. କେ. ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।




# ଭାରତରେ ପ୍ରତିବର୍ଷ ଚିହ୍ନଟ ହେଉଛନ୍ତି ୧୩ ଲକ୍ଷ ନୂଆ କ୍ୟାନସର ରୋଗୀ

**ଭୁବନେଶ୍ୱର, ୯।୧**

**ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଆଣ୍ଡ ହସ୍ପିଟାଲ ସେମିନାରରୁ ସାଂଘାତିକ ତଥ୍ୟ ମିଳିଛି । ଭାରତରେ ପ୍ରତିବର୍ଷ ଚିହ୍ନଟ ହେଉଛନ୍ତି ପ୍ରାୟ ୧୩ ଲକ୍ଷ ନୂଆ କ୍ୟାନସର ରୋଗୀ । ଦିନକୁ ଦିନ କର୍କଟ ରୋଗ ବଢିବାରେ ଲାଗିଛି ଏବଂ ପ୍ରାୟ ୧୯୩ ଲକ୍ଷ ନୂତନ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ୫୦% ଏସୀୟ ଦେଶରୁ ଆସିଛି । ଅଧିକାଂଶ ସାଧାରଣ କର୍କଟ ହେଉଛି ପାଟି, ସ୍ତନ,ପାକସ୍ଥଳୀ,ଝାଡାନଳୀ, ସ୍ତ୍ରୀ ରୋଗ ଏବଂ ଫୁସଫୁସ କର୍କଟ ।

ଉତ୍କଳ କର୍କଟ କନକ୍ଲେଭ ୨୦୨୪ ନାମରେ ଏକ ଦିବସୀୟ ସେମିନାରରେ ହୋଇଥିଲା ଏ ସମ୍ପର୍କିତ ଆଲୋଚନା । କର୍କଟ ରୋଗର କାରଣ ହେଉଛି ଜୀବନ ଶୈଳୀର ପରିବର୍ତ୍ତନ, ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ, ତମାଖୁ ଅଭ୍ୟାସ, *(ପୃଷ୍ଠା ୭ରେ)*

# ଅଙ୍ଗନୱାଡ଼ି ଓ ଆଶାଦିଦିଙ୍କ ଦରମା ଖୁବ ଶୀଘ୍ର ବଢ଼ିବ : ୫-ଟି ଅଧକ୍ଷ



**ଭୁବନେଶ୍ୱର/ରାଇଘର, ୯।୧**

**ନ୍ୟୁଜ୍ ବ୍ୟୁରୋ**

ଅଙ୍ଗନୱାଡି ଓ ଆଶାଦିଦିମାନଙ୍କର ଦରମା ଖୁବ ଶୀଘ୍ର ବଢ଼ିବ । ଏହା ଦ୍ୱାରା ରାଜ୍ୟର ଲକ୍ଷାଧିକ କର୍ମଚାରୀ ଉପକୃତ ହେବେ । ରାଜ୍ୟ ସରକାର ଏଦିଗରେ କାମ କରୁଛନ୍ତି । ନବରଂଗପୁର ଜିଲ୍ଲା ଗସ୍ତ ବେଳେ ୫ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧକ୍ଷ ଭି କେ. ପାଣ୍ଡିଆନ ମଙ୍ଗଳବାର ଏହି ଘୋଷଣା କରିଛନ୍ତି ।

ରାଇଘର ମିନି ଷ୍ଟାଡିୟମରେ ଆୟୋଜିତ ଧନ୍ୟବାଦ ଆମ ଓଡ଼ିଶା *(ପୃଷ୍ଠା ୭ରେ)*

# ସବୁ ଛକ ହେବ ଗ୍ରୀନ କରିଡର୍, ଅଟକିବନି ଜରୁରୀକାଳୀନ ସେବା ଯୋଗାଉଥିବା ଗାଡ଼ି

**ଭୁବନେଶ୍ୱର, ୯।୧**

**ନ୍ୟୁଜ୍ ବ୍ୟୁରୋ**

ଏଣିକି ଟ୍ରାଫିକରେ ଅଟକିବନି ଗାଡ଼ି । ଗୋଟିଏ ଟ୍ରାଫିକ ଛକରୁ ଆଉ ଗୋଟିଏ ଟ୍ରାଫିକ ଛକରେ ପହଞ୍ଚିବା ବେଳକୁ ସେଇ ଛକରେ ଜଳିବ ସବୁଜବତୀ (ଗ୍ରୀନ ସିଗ୍ନାଲ) । ଫଳରେ ଗାଡ଼ି ଋଳକ କୌଣସି ଛକରେ ଅଟକିବେ ନାହିଁ । ଏହାଦ୍ୱାରା ଲୋକଙ୍କ




ବହୁମୂଲ୍ୟ ସମୟ ବଞ୍ଚିବା ସହ ରାସ୍ତାରେ କେବଳ ସାଧାରଣଲୋକ ଉପକୃତ ହେବେ ନାହିଁ ବରଂ ଆମ୍ବୁଲାନ୍ସ ଓ ଦମକଳ ଭଳି ଜରୁରୀକାଳୀନ ସେବା ଯୋଗାଉଥିବା ଗାଡ଼ିଗୁଡ଼ିକ ଖୁବ କମ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ ଭୁବନେଶ୍ୱର ଟ୍ରାଫିକ ପରିଋଳନାରେ ସଂସ୍କାର ଆଣିବାକୁ ମେଟ୍ରୋସିଟି ଢାଞ୍ଚା । ଆପଣାଇଛି ଭୁବନେଶ୍ୱର ଟ୍ରାଫିକ ପୁଲିସ । ପ୍ରତ୍ୟେକ ଛକକୁ ଗ୍ରୀନ କରିଡର କରାଯିବା ଲକ୍ଷ୍ୟକୁ ଏହି ନୂଆ ବ୍ୟବସ୍ଥା ବଳ ଯୋଗାଇଛି ।

ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ହେଉଥିବା ଦୁଇଟି ଟ୍ରାଫିକ ଥାନାକୁ ୧୩ ସେକ୍ଟରରେ ବିଭକ୍ତ କରାଯାଇଛି । ଟ୍ରାଫିକ ଥାନା-୧କୁ ୭ଟି ଓ ଟ୍ରାଫିକ ଥାନା-୨କୁ ୬ଟି ସେକ୍ଟରରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ସେକ୍ଟରରେ ଜଣେ ଲେଖାଏଁ ସବ୍-ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଡ ସବ୍-ଇନ୍ସପେକ୍ଟରଙ୍କୁ ସେକ୍ଟର ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ଜଣେ ଏସ୍‌ଆଇଙ୍କ ଅଧୀନରେ ୩ଜଣ କନଷ୍ଟେବଲ କାମ କରିବେ । ଦାୟିତ୍ୱ ଦିଆଯାଇଥିବା ଏସ୍‌ଆଇ ଓ ଏଏସ୍‌ଆଇମାନେ ନିୟୋଜିତ କନଷ୍ଟେବଲଙ୍କୁ ଧରି ନିଜ ନିଜ ସେକ୍ଟରରେ ଟ୍ରାଫିକ ପରିଋଳନାକୁ ଗୁରୁତ୍ୱ ଦେବେ । ଏଥିସହ ଗୋଟିଏ ଛକରୁ ଅନ୍ୟ ଟ୍ରାଫିକ ଛକକୁ ଯିବାରେ କେତେ ସମୟ ଲାଗୁଛି, ସେ ନେଇ ତଦାରଖ କରିବେ । ଟ୍ରାଫିକ ପରିଋଳନାରେ କ'ଣ ସବୁ ସମସ୍ୟା *(ପୃଷ୍ଠା ୭ରେ)*

# ବିଧାୟକ ଓ ସାଂସଦଙ୍କ ବିରୋଧରେ ୪୨୩ ମାମଲା ବିଋରାଧୀନ

**କଟକ, ୯।୧**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ରହିଛି ୪୨୩ଟି ବିଋରାଧୀନ ମାମଲା । ୨୦୨୩, ଡିସେମ୍ବର ୩୧ ସୁଦ୍ଧା ୩୦ଟି ଜିଲ୍ଲାରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ରହିଥିବା ମାମଲା ସଂପର୍କରେ ହାଇକୋର୍ଟ ୱେବସାଇଟରେ ସୂଚନା ଜାରି କରାଯାଇଛି । ସାଂସଦ/ବିଧାୟକଙ୍କ ବିରୋଧରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୮୬ଟି ମାମଲା ବିଋରାଧୀନ ରହିଛି । ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିବା ସମ୍ବଲପୁର ଜିଲ୍ଲାରେ ୫୩ଟି ଓ ତୃତୀୟ ସ୍ଥାନରେ ରହିଥିବା ଗଞ୍ଜାମ ଜିଲ୍ଲାରେ ୫୧ଟି ମାମଲା



ସାଂସଦ/ବିଧାୟକଙ୍କ ବିରୋଧରେ ବିଋରାଧୀନ ରହିଛି । ଅନୁଗୁଳରେ ୨୭ଟି, ବାଲେଶ୍ୱରରେ ୨୮ଟି, ବରଗଡ଼ରେ ଗୋଟିଏ, *(ପୃଷ୍ଠା ୭ରେ)*

# ଚକ୍ରବ୍ୟୁହରେ ଫସିଗଲେ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ, ଅବିଶ୍ୱାସ ପ୍ରସ୍ତାବ ଆଣିବାକୁ ଋଲିଛି ପ୍ରସ୍ତୁତି

**ନୂଆଦିଲ୍ଲୀ, ୯।୧**

ମାଳଦ୍ୱୀପର ରାଷ୍ଟ୍ରପତିଙ୍କ ସମସ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଭାରତକୁ ବିରୋଧ କରିବା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ । ଭାରତ ବିରୋଧୀ ବିବୃତି ପରେ ସେ ଏବେ ନିଜ ଦେଶରେ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି । ସ୍ଥିତି ଏମିତି ହୋଇଛି ଯେ, ମୁଇଜୁଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିବାକୁ ବର୍ତ୍ତମାନ ପ୍ରସ୍ତୁତି ଋଲିଛି । ମାଳଦ୍ୱୀପର ସଂସଦୀୟ ସଂଖ୍ୟାଲଘୁ ନେତା ଅଲି ଅଜିମ ଏକ ଅବିଶ୍ୱାସ ପ୍ରସ୍ତାବ ଆଣିବାକୁ ଅଭିଯାନ ଆରମ୍ଭ କରିଛନ୍ତି । ଅଲି ଅଜିମ କହିଛନ୍ତି ଯେ ବୈଦେଶିକ ନୀତି ମାଳଦ୍ୱୀପ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆମର ପଡୋଶୀ ଦେଶ ସହିତ ସ୍ଥିରତା ବଜାୟ ରଖିବାକୁ ଆମେ ପ୍ରତିବଦ୍ଧ । ଆମେ କେବେବି ଋହୁଁନାହୁଁ ଯେ କୌଣସି ପଡୋଶୀ ଦେଶ ଆମର ବୈଦେଶିକ ନୀତିଠାରୁ ଅଲଗା ରୁହନ୍ତୁ । ସେ କହିଛନ୍ତି ଯେ ମୁଁ ମୋର ଦଳର ବରିଷ୍ଠ ନେତାମାନଙ୍କୁ ଏକ ଅବିଶ୍ୱାସ ପ୍ରସ୍ତାବ ଆଣିବାକୁ କହିଛି ।

ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ଋଲିଥିବା ତିକ୍ତତା ଉପରେ ଚୀନ କହିଛି ଯେ ମାଳଦ୍ୱୀପ ପ୍ରତି ଭାରତ ଖୋଲା ମନୋଭାବ ସହ ଆଚରଣ କରିବା ଉଚିତ । ଚୀନ ଏହା ମଧ୍ୟ କହିଛି ଯେ ସେମାନେ ମାଳଦ୍ୱୀପକୁ ଭାରତ ସହ ସମ୍ପର୍କ କରିଦେବାକୁ କେବେ କହିନାହିଁ । ଚୀନ ପକ୍ଷରୁ *(ପୃଷ୍ଠା ୭ରେ)*

# ମହିଳାଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେଇ ନରସିଂହ ଠିକ୍ କରିନାହାନ୍ତି

**ଭୁବନେଶ୍ୱର, ୯।୧**

**ନ୍ୟୁଜ୍ ବ୍ୟୁରୋ**

ସଭ୍ୟସମାଜରେ ମହିଳାମାନଙ୍କ ପ୍ରତି ଅପମାନସୂଚକ ଓ ଆକ୍ଷେପମୂଳକ ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କଂଗ୍ରେସ ଦଳର ଜଣେ ଅଭିଜ୍ଞ, ବରିଷ୍ଠ ବିଧାୟକ ତଥା ପୂର୍ବତନ ଆଇନ୍ ମନ୍ତ୍ରୀ ନରସିଂହ ମିଶ୍ର ମହିଳାମାନେ ଭଡାଟିଆ ବୋଲି ଅତି ଅପମାନଜନକ ଓ ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିବାରୁ ଏଥିପାଇଁ ସେ ଓଡ଼ିଶାବାସୀ ବିଶେଷକରି ସମଗ୍ର ମହିଳା ସମାଜ ଆଗରେ ଦୁଃଖ ପ୍ରକାଶ କରିବା ସହ କ୍ଷମା ପ୍ରାର୍ଥନା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଅପରପକ୍ଷରେ ଶ୍ରୀ ମିଶ୍ର ଏଭଳି ମନ୍ତବ୍ୟ ଦେଇ ନାହାନ୍ତି ବୋଲି କହିଛନ୍ତି ।

ଏହି ପ୍ରସଙ୍ଗରେ ବିଶିଷ୍ଟ ରାଜନୈତିକ ସମୀକ୍ଷକ ତଥା ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ମତ ରଖି କହିଛନ୍ତି ଯେ, ନିକଟରେ ବଲାଙ୍ଗୀର ଲୋୟର ସୁକତେଲ ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମରେ ଭାଷଣ ଦେବା ବେଳେ ବରିଷ୍ଠ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ମହିଳାମାନେ ଭଡାଟିଆ ବୋଲି ଯେପରି ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦୁଃଖଦାୟକ ।ଏଥିପାଇଁ ସେ ମହିଳା ସମାଜ ଆଗରେ କ୍ଷମା ପ୍ରାର୍ଥନା କରିବା ଆବଶ୍ୟକ । ଶ୍ରୀ ମିଶ୍ର ଜଣେ ଅଭିଜ୍ଞ, ବରିଷ୍ଠ, ଆଇନ୍‌ଜୀବୀ ଭାବେ ବେଶ୍ ଜଣାଶୁଣା । ହେଲେ ସେ ଜାଣିରଖିବା ଉଚିତ ଯେ, ତାଙ୍କ ନିଜ ପରିବାରରେ ବି ବହୁତ ମହିଳା ଅଛନ୍ତି । ପତ୍ନୀ, ଝିଅ, ଭଉଣୀ ବି ଅଛନ୍ତି । ତେଣୁ ମହିଳାଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବାର ନୈତିକ ଅଧିକାର ତାଙ୍କର ନାହିଁ । ସେ ନିଜେ ଜଣେ ଆଇନ୍‌ଜୀବୀ ହୋଇଥିବାରୁ ନିଜକୁ ଆଇନ୍‌ର ଉର୍ଦ୍ଧ୍ୱରେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ବଲାଙ୍ଗୀର ଲୋୟର ସୁକତେଲ ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଦେଇଥିବା ଭାଷଣରେ ମହିଳାଙ୍କ ପ୍ରତି ସେପରି କହିନଥିବା ପରବର୍ତ୍ତୀ ସମୟରେ ଗଣମାଧ୍ୟମରେ ସଫେଇ ଦେଇଥିଲେ ମଧ୍ୟ ତାହାର ସତ୍ୟତାନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଶ୍ରୀ ମିଶ୍ର ନିଜର ଆଚରଣ ଓ ବ୍ୟବହାରରେ ସଂଶୋଧନ କରିବା ସହିତ ମହିଳାଙ୍କ ପ୍ରତି ସମ୍ମାନର ସହ ବ୍ୟବହାର କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ।

# ୭ବର୍ଷରେ ୧୦୫ ମାଓବାଦୀ ନିହତ

**ଭୁବନେଶ୍ୱର, ୯।୧**

**ନ୍ୟୁଜ୍ ବ୍ୟୁରୋ**

ଲାଲଗଡ଼ରେ ସୁନିଶ୍ଚିତ ହେଉଛି ଜନସାଧାରଣଙ୍କ ଧନଜୀବନର ସୁରକ୍ଷା । ଭୁଶୁଡୁଛି ଲାଲାବାହିନୀଙ୍କ ଗଡ଼ । ଗୁଳିଗୋଳାର କର୍କଶ ଶବ୍ଦ ସାଙ୍ଗକୁ ଲ୍ୟାଣ୍ଡମାଇନର ପ୍ରଚଣ୍ଡ ବିସ୍ଫୋରଣରେ ଥରୁଥିବା ଜିଲ୍ଲାରେ ଏବେ ଆଉ ସେଭଳି ସ୍ଥିତି ନାହିଁ । ସ୍ଥିତି ବଦଳିଛି; ଓଡ଼ିଶା ଧୀରେ ଧୀରେ ମାଓବାଦୀମୁକ୍ତ ରାଜ୍ୟ ଆଡ଼କୁ ଗତି କରୁଛି । ଯବାନ-ପୁଲିସର ମାଓବିରୋଧୀ ଅଭିଯାନ ଓ ରାଜ୍ୟ ସରକାରଙ୍କ ବ୍ୟାପକ ଲୋକାଭିମୁଖୀ ପ୍ରକଳ୍ପ ପାଇଁ ଏହା ସମ୍ଭବ ହୋଇପାରିଛି । ମାଓ ଅଧ୍ୟୁଷିତ ଅଞ୍ଚଳରେ ରାଜ୍ୟ ସରକାରଙ୍କ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ଚିନ୍ତା ବଢାଇଲେଣି ନବାଗତ-ଆଶାୟୀ

■ ବିବେକାନନ୍ଦ ଜେନା

ସାଧାରଣ ନିର୍ବାଚନ ପାଇଁ ଏଯାଏଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ କି ତାରିଖ ଘୋଷଣା ମଧ୍ୟ ହୋଇନାହିଁ । ହେଲେ ୨୦୨୪ ଇଂରାଜୀ ନବବର୍ଷ ଆରମ୍ଭରୁ ଜଣାପଡ଼ିଲାଣି ରାଜନୈତିକ ଉଷ୍ମତା । କେବଳ ରାଜଧାନୀ ଭୁବନେଶ୍ୱରରୁ ନୁହେଁ, ରାଜ୍ୟର ସବୁ ଅଞ୍ଚଳ (ନିର୍ବାଚନ ମଣ୍ଡଳୀ)ରେ ଦଳୀୟ ପ୍ରାର୍ଥୀ ହେବାର ଆଶା ରଖି ଏବେଠୁ ଅନେକ ନବାଗତ-ଆଶାୟୀ ପ୍ରତ୍ୟକ୍ଷ ରାଜନୀତି ମୈଦାନକୁ ଓହ୍ଲାଇ ଆସିଲେଣି । ଏହାର ସ୍ପଷ୍ଟ ଚିତ୍ର ମଧ୍ୟ ଦେଖିବାକୁ ମିଳିଲାଣି । ରାଜନୈତିକ ଦୃଷ୍ଟିକୋଣରୁ ସବୁଠାରୁ ବେଶି ସଚେତନ ଥିବା ଭୁବନେଶ୍ୱର-କଟକ ସମେତ ରାଜ୍ୟର ସବୁ ବଡ଼ ବଡ଼ ସହରାଞ୍ଚଳ ଏବଂ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀଗୁଡ଼ିକରେ ଦଳର ସଭାପତିଙ୍କ ଫଟୋ ସହ ଯୋଡ଼ି ନବାଗତ-ଆଶାୟୀମାନେ ନିଜ ନିଜର ଫଟୋଯୁକ୍ତ ନବବର୍ଷର ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ବ୍ୟାନର ସବୁଆଡ଼େ ଟଙ୍ଗାଇ ଦେଇଥିବା ଦେଖିବାକୁ ମିଳିନାହିଁ । ଏହାକୁ ନେଇ ଗାଁ ଠୁ ସହର ଯାଏ ସବୁଆଡ଼େ ଚର୍ଚ୍ଚା ଆରମ୍ଭ ହେଲାଣି । ଯାହା ଦେଖାଯାଉଛି ଗୋଟିଏ ଗୋଟିଏ ନିର୍ବାଚନ ମଣ୍ଡଳୀରେ ଷ୍ଟାଣ୍ଡିଂ ଏମ୍‌ଏଲ୍‌ଏଙ୍କ ବାଦ୍ ଆହୁରି ୪/୫ଜଣ ପ୍ରାର୍ଥୀ ହେବାକୁ ଋହିଁଲେଣି । ଅର୍ଥାତ୍ ଗୋଟିଏ ସିଟ୍ ବା ଆସନ ପାଇଁ ଏକାଧିକ ଦାବିଦାର ବାହାରିଲେଣି । ଏହା ନିଶ୍ଚିତ ଭାବେ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାର ଧାରା ପାଇଁ ଶୁଭଙ୍କର ହୋଇପାରେ, ହେଲେ ସବୁ ଦଳ ପାଇଁ ନିଶ୍ଚିତ ଅଡୁଆ ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏଭଳି ଅବସ୍ଥାରେ ଦଳୀୟ ସଭାପତିମାନେ କାହାକୁ ବାଛିବେ ଆଉ ଦଳୀୟ ଟିକେଟ ଦେବେ, ସେ ନେଇ କେବଳ ଚିନ୍ତାରେ ନୁହେଁ, ଦ୍ୱନ୍ଦ୍ୱରେ ବି ପଡ଼ିଲେଣି । ଯାହାବି ହେଉ, ଜଣକୁ ତ ଟିକେଟ ମିଳିବ, ବାକି ଅନ୍ୟମାନେ ବଞ୍ଚିତ ହେବେ । ତା'ପରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ, ତାକୁ ସମ୍ଭାଳିବା କି ସାମ୍ନା କରିବା ନିଶ୍ଚିତ ଭାବେ 'ନେତୃତ୍ୱ' ପାଇଁ ସମସ୍ୟା ସୃଷ୍ଟି କରିବ । ତେବେ ଏଥିପାଇଁ ସବୁ ଦଳରେ କିଛି 'କ୍ରାଇସିସ୍ ମ୍ୟାନେଜର' ବା ସଙ୍କଟମୋଚକ ରହିଛନ୍ତି । ଯେଉଁମାନେକି ଦଳୀୟ ସଭାପତିଙ୍କ ନିର୍ଦ୍ଦେଶ ଓ ପରାମର୍ଶ ଅନୁସାରେ ବିଋର ବିମର୍ଷ କରି ଅଡୁଆ ସମସ୍ୟାର ସମାଧାନ କରିବା ଦିଗରେ କାମ କରିବେ । ଅସନ୍ତୁଷ୍ଟ ବା ବିଦ୍ରୋହୀଙ୍କୁ ବୁଝାଇ-ମନାଇ ଶାନ୍ତ କରାଇବା ସହ ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଥଇଥାନ ବା କ୍ଷତିପୂରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଇ ପାରନ୍ତି । ହେଲେ ନବାଗତ-ଆଶାୟୀଙ୍କ ମଧ୍ୟରୁ ଅନେକ ଖୋଲାଖୋଲି ଭାବେ ବିଧାୟକ ପ୍ରାର୍ଥୀ ହେବାକୁ ଋହିଁଲେଣି । ସେଥିପାଇଁ ସେମାନେ ଦଳର ସଭାପତିଙ୍କୁ କୌଣସି ପ୍ରକାରେ *(ପୃଷ୍ଠା ୭ରେ)*

# ଲାକ୍ଷାଦ୍ୱୀପରେ ନିର୍ମାଣ ହେବ ନୂଆ ବିମାନବନ୍ଦର



**ଭୁବନେଶ୍ୱର/ରାଇଘର, ୯।୧**

**ନ୍ୟୁଜ୍ ବ୍ୟୁରୋ**

ଭାରତ-ମାଳଦ୍ୱୀପ ବିବାଦ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି । ବାସ୍ତବରେ, ଲାକ୍ଷାଦ୍ୱୀପ ମିନିକଏ ଆଇଲ୍ୟାଣ୍ଡରେ ଏକ ନୂତନ ବିମାନବନ୍ଦର ନିର୍ମାଣ କରିବାକୁ ଭାରତ ସରକାର ଯୋଜନା କରୁଛନ୍ତି । ଏହି ବିମାନବନ୍ଦର ନିର୍ମାଣ ସହିତ ଲାକ୍ଷାଦ୍ୱୀପଠାରେ ପର୍ଯ୍ୟଟନ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ବିଶେଷ କଥା ହେଉଛି ନୂତନ ବିମାନବନ୍ଦର ନାଗରିକ ତଥା ସାମରିକ ଉଦ୍ଦେଶ୍ୟ ପାଇଁ ହେବ ଏବଂ ଏଠାରୁ ସିଭିଲ ବିମାନ ସହିତ ସାମରିକ ବିମାନ ମଧ୍ୟ କାର୍ଯ୍ୟ କରିବାରେ *(ପୃଷ୍ଠା ୭ରେ)*

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଜାନୁଆରୀ ୨୦୨୪ ବୁଧବାର







# ଗାଁ ଗାଁ ଗଡ଼ିଲା ଅର୍ପଣ ରଥ

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖ ଦିନ ଲୋକାର୍ପଣ ହେବ। ଶ୍ରୀ ଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନବରଙ୍ଗପୁର ଜିଲ୍ଲାରେ ଗାଁ ଗାଁ ବୁଲିଲା ଅର୍ପଣ ରଥ। ଆଗରେ ସଂକୀର୍ତ୍ତନ ମଣ୍ଡଳୀ ପଛରେ ଜୟ ଜଗନ୍ନାଥ ଅର୍ପଣ ରଥ। ଜୟ ଜଗନ୍ନାଥ ଧ୍ୱନି ସହିତ ହରିବୋଲ ହୁଳହୁଳି ଶଙ୍ଖନାଦ ଧ୍ୱନିରେ ଘରକୁ ଘର ବୁଲି ସଂଗ୍ରହ ହେଉଛି ଅକ୍ଷତ ଅରୁଆ ଚାଉଳ ଆଉ ଗୁଆ। ପ୍ରତି ଓଡ଼ିଆଙ୍କୁ ମହାପ୍ରଭୁଙ୍କ ପୁଣ୍ୟ କାମରେ ସାମିଲ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ପରିକ୍ରମା ରଥ ପହଞ୍ଚିଲା ମାତ୍ରେ ହୁଳହୁଳି ଓ ବନ୍ଦାପନା କରି ସ୍ୱାଗତମ କରି ଆନନ୍ଦ ଉଲ୍ଲାସରେ ଅକ୍ଷତ ଅରୁଆ ଚାଉଳ ଓ ଗୁଆ ଦେଉଛନ୍ତି। ମହିଳାମାନେ ପ୍ରତ୍ୟେକ ଘର ଦାଣ୍ଡରେ ମୁରୁଜ ଓ ଚିତା ପଡିଛି। ରଥ ଆସିଲା ମାତ୍ରେ ଗାଁ ଦାଣ୍ଡରେ ଭିଡ଼ ଜମା ହୋଇ ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଉଠୁଛି। ପୁରୀ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୦୨୪ ମସିହା ୧୭ ତାରିଖରେ ଏହି ପ୍ରକଳ୍ପର ଲୋକାର୍ପଣ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ପୁରୀ ଠାରେ ଅନୁଷ୍ଠିତ ହେବ। ଏହାର ଭବ୍ୟ ଆୟୋଜନ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଉଅଛି। ଦେଶ ବାହାର, ଦେଶ ଓ ରାଜ୍ୟ ଭିତରେ ଥିବା ପ୍ରମୁଖ ଧର୍ମ ସ୍ଥଳୀର ମୁଖ୍ୟମାନଙ୍କୁ ଏଥିରେ ଯୋଗ ଦେବା ପାଇଁ ଆମନ୍ତ୍ରଣ କରାଯାଉଛି। ନିମନ୍ତ୍ରଣ ପତ୍ର ଦେଇ ଥିବାରୁ ନବରଙ୍ଗପୁର ଜଗନ୍ନାଥ ମନ୍ଦିର କମିଟି ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଅନୁଭୂତି ଓ ମତାମତ



ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏଥିପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି। ଏହା ଏକ ଶୁଭ ସଂକେତ ଜଗନ୍ନାଥ ପ୍ରେମୀ ମଣିଷ ମାନଙ୍କ ପାଇଁ। ଏହା ଆମକୁ ଅତ୍ୟନ୍ତ ଆନନ୍ଦିତ କରୁଛି। ଆଶିଷ ପଟ୍ଟନାୟକ। ସରକାରୀ ଓକିଲ, ନବରଙ୍ଗପୁର କୋର୍ଟ।



## ଅନୁଭୂତି ଓ ମତାମତ

ଓଡ଼ିଶାର ମହାପ୍ରଭୁ ଜଗନ୍ନାଥଙ୍କ ସହିତ ସିଧାସଳଖ ଜଡିତ ହେଉଛନ୍ତି ଲୋକେ। ଆଗରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ପ୍ରକଳ୍ପ ଲୋକାଭିମୁଖୀ ହେଲେ ଅସୁବିଧାର ସମ୍ମୁଖୀନ ନ ହୋଇ ସହଜରେ ମହାପ୍ରଭୁଙ୍କୁ ଦର୍ଶନ କରି ପାରିବେ। ଓଡ଼ିଶା ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାଙ୍କୁ ଧନ୍ୟବାଦ ଜଣାଉଛି। ବିଦ୍ୟାଧର ମଳିକ। ବିଜୁ ଜନତା ଦଳ ସଭାପତି ପାପଡ଼ାହାଣ୍ଡି ବ୍ଲକ।





# ବଲାଙ୍ଗୀରରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

ବଲାଙ୍ଗୀର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି । ଏହି ଅର୍ପଣ ରଥକୁ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ବ୍ଲକ ଅଫିସ ପରିସରରେ ପୂଜାର୍ଚ୍ଚନା ସହିତ ୩ଟି ରଥର ଉଦଘାଟନ କରିଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାର ସହିତ ସଂରକ୍ଷଣ ଏବଂ ସୁରକ୍ଷା ନିମନ୍ତେ ଓ ସମଗ୍ର ଓଡ଼ିଶାର ଜଣସାଧାରଣଙ୍କୁ ଏହି ମହାନ ସଂସ୍କୃତି ସହିତ ଜଡ଼ିତ କରିବା ପାଇଁ ସମସ୍ତ ୱାର୍ଡ ଓ ପଞ୍ଚାୟତ ବୁଲି ପ୍ରତ୍ୟେକ ଗୃହରୁ ଭକ୍ତମାନଙ୍କ ଠାରୁ ଚାଉଳ ଓ ଗୁଆ ସଂଗ୍ରହ କରିବ । ଏହି ରଥ ଚୂଡ଼ାପାଲି ଗ୍ରାମପଞ୍ଚାୟତର ଚୂଡ଼ାପାଲି, ଦଉପାଲି, ଧୁଲୁସାର, କୁଡ଼ାଶିଙ୍ଘା ପଞ୍ଚାୟତର କୁଡଶିଙ୍ଘା, ନୂଆପଡ଼ା, ଶିରିଶ, ମାନହିର ପଞ୍ଚାୟତର ଆମମୁଣ୍ଡା, ବାଘପାଲି, ଭଇଁଷା, ମାନହୀରା, ସକମା ପଞ୍ଚାୟତର ଫସଡା, କୁଟୁରପାଲି, ରାଣିପାଲି, ସକମା ଏବଂ ତୁସ୍ରାବାହାଲ ଦଙ୍ଗାଘାଟ, ଜିରଟମାଳ, ତୁଷରାବାହାଲ ଗ୍ରାମର ପ୍ରତ୍ୟେକ ୱାର୍ଡରୁ ସଂଗୃହୀତ ଅରୁଆ ଚାଉଳ ଓ ଗୁଆ ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ରଖା ଯାଇଥିଲା । ସେଠାରେ ଭକ୍ତ ଓ କୀର୍ତ୍ତନ ମଣ୍ଡଳୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ଏହି ରଥ ଉଦଘାଟନ ବେଳେ ବ୍ଲକ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ, ଜିଲ୍ଲାପରିଷଦ ସଭ୍ୟସଭ୍ୟା, ପିଆରଆଇ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ଲକ କର୍ମଚାରୀ, ସଂକୀର୍ତ୍ତନ ମଣ୍ଡଳୀ, ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ୧୭ତାରିଖରେ ହେବାକୁ ଥିବା ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ସମସ୍ତ ଅଞ୍ଚଳରେ ଏଲଇଡି ପରଦା ମାଧ୍ୟମରେ ଜନସାଧାରଣ ଦେଖିବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲାପାଳଙ୍କ ଦିଗଦର୍ଶନରେ ଓ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

ସୋମବାର ଦିନ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ମୁରିବାହାଲ ବ୍ଲକ ବାଙ୍କେଲ ସଦର ମହକୁମା ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶ୍ରେଷ୍ଠ ଯୋଜନା ଶ୍ରୀ ଜଗନ୍ନାଥ ମନ୍ଦିର ପୁରୀର ପରିକ୍ରମା ଲୋକାର୍ପଣ ଉତ୍ସବ ନିମନ୍ତେ ପ୍ରତି ଘରୁ ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ ଶ୍ରୀ ହଂସରାଜ ଜୈନ ସଦସ୍ୟ, ଗ୍ରାମର ଦ୍ୱାର ଦ୍ୱାର ବୁଲି ଲୋକମାନଙ୍କୁ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ଉତ୍ସବରେ ଯୋଗ ଦେବାର ନିମନ୍ତ୍ରଣ ଜଣାଇ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମକୁ ନିର୍ବାଚନ ମଣ୍ଡଳୀର ପ୍ରତି ଘରେ ପହଞ୍ଚାଇବା ପାଇଁ ଅନୁରୋଧ ରଖିଥିଲେ ଏବଂ ପ୍ରତି ଗ୍ରାମରୁ ସୁରକ୍ଷିତ ଭାବରେ କେମିତି ପୁରୀ ପହଁଞ୍ଚିବେ ଲୋକମାନେ ତା'ର ସୁବ୍ୟବସ୍ଥା ମାନ୍ୟବର ମୁଖ୍ୟମନ୍ତ୍ରୀ କରିଥିବା ଖବର ମଧ ଲୋକଙ୍କୁ ବୁଝାଇଥିଲେ ।

"ଯାହା ଚାଲିଛି, ସବୁ ସେଇ ମହାପ୍ରଭୁଙ୍କ ଇଚ୍ଛାରେ', ତାଙ୍କରି ନିର୍ଦ୍ଦେଶ ଆଉ ଅଦୃଶ୍ୟ ଦିଗ୍‌ଦର୍ଶନରେ ସଫଳତାର ସହ ରୂପାୟିତ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ "ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'। ଏହି ପବିତ୍ର-ମହନୀୟ କାମରେ ଲାଗିପଡିଛନ୍ତି ଶିଳ୍ପୀ, କାରିଗର ଠାରୁ ଆରମ୍ଭ କରି ଶ୍ରଦ୍ଧାଳୁ, ଭକ୍ତ, ସେବାୟତଙ୍କ ସମେତ ସାରା ଓଡ଼ିଶାର ଲୋକେ। ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଆଉ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶଙ୍କରାଚାର୍ଯ୍ୟଙ୍କ ସମେତ ବିଭିନ୍ନ ଧର୍ମାନୁଷ୍ଠାନ, ପୀଠର ପୀଠାଧିଶ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ଶୁଭ ଲୋକାର୍ପିତ ହେବାକୁ ଯାଉଛି ଏହି ପ୍ରକଳ୍ପ। ଯେଉଁ ଶୁଭକାର୍ଯ୍ୟକ୍ରମରେ ଯୋଗ ଦେବା ଲାଗି ନିମନ୍ତ୍ରଣ ଜଣାଇବା ଉଦ୍ଦେଶ୍ୟରେ ଏବେ ଗାଁ ଗାଁରେ ବୁଲୁଛି ଅର୍ପଣ ରଥ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏବଂ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେ ଏହି ଶୁଭକାର୍ଯ୍ୟକ୍ରମର ଭବ୍ୟ ଲୋକାର୍ପଣକୁ ଶୃଙ୍ଖଳିତଭାବେ ସମ୍ପନ୍ନ କରିବା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଛି, ଯେଉଁଥିରେ ରାଜ୍ୟବାସୀ ସମସ୍ତେ ସକ୍ରୀୟ ସହଯୋଗ ଓ ସମର୍ଥନ ଦେଉଛନ୍ତି।







## ବଲାଙ୍ଗୀର ଭକ୍ତଙ୍କ ମତାମତ ...

ଓଡ଼ିଶା ସରକାରଙ୍କ ପ୍ରଚେଷ୍ଟାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି। ଏହା ଅତ୍ୟନ୍ତ ଖୁସିର ଖବର। ଓଡ଼ିଶାବାସୀ ଏହି କାର୍ଯ୍ୟକ୍ରମଟିକୁ ଅନେକ ଦିନରୁ ଅପେକ୍ଷା କରି ରହିଥିଲେ। ଏହି ଉତ୍ସବ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପରିକ୍ରମା କରୁଥିବା 'ଅର୍ପଣ ରଥ'କୁ ଲୋକେ ଭବ୍ୟ ସ୍ୱାଗତ ଜଣାଉଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ମୁଁ ଆନ୍ତରିକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କୁ ଧନ୍ୟବାଦ୍ ଜଣାଉଛି।



ଘନଶ୍ୟାମ ଘିବେଲା
ଭକ୍ତ, ପୁଇଁତଳା ବ୍ଲକ ବଲାଙ୍ଗୀର

ଓଡ଼ିଶାରେ ଏପରି ପ୍ରକଳ୍ପ ପ୍ରଥମ। ତେଣୁ ଲୋକେ ଖୁବ୍ ଉତ୍ସାହିତ ଅଛନ୍ତି। ଜଗନ୍ନାଥଙ୍କ କୃପାରୁ ସମସ୍ତ କାର୍ଯ୍ୟ ଠିକ୍ ଭାବେ ପରିଚାଳିତ ହେଉଛି। ଭକ୍ତମାନେ ପୂର୍ବରୁ ଭୋଗୁଥିବା ଅବସ୍ଥା ଆଉ ରହିବ ନାହିଁ। ସମସ୍ତେ ସୁନ୍ଦରଭାବେ ଏବଂ ସୁବିଧାରେ ଜଗନ୍ନାଥଙ୍କ ଦର୍ଶନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରକଳ୍ପ କାର୍ଯ୍ୟଟି ଅତ୍ୟନ୍ତ ମହନୀୟ। ଆମେ ତାଙ୍କୁ ଧନ୍ୟବାଦ ଜଣାଉଛୁ।



ରବିଶଙ୍କର ସାହୁ
ଲୋଇସିଂଘା, ବଲାଙ୍ଗୀର



# ପାତାଳୀ ଶ୍ରୀକ୍ଷେତ୍ର ଓ ସୁବର୍ଣ୍ଣପୁରରେ ପହଞ୍ଚିଲା ଶ୍ରୀକ୍ଷେତ୍ର ନିମନ୍ତ୍ରଣ

ଜଗତର ନାଥ ଜଗନ୍ନାଥଙ୍କ ବଡ଼ ଦେଉଳର ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମନ୍ତ୍ରଣ ନେଇ ପୁରୀରୁ ସ୍ୱତନ୍ତ୍ର ପ୍ରତିନିଧି ନୋଡାଲ ଅଧିକାରୀ ବିକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଗନ୍ନାଥ ସେବକ ମନୋଜ ମହାନ୍ତି, ରାଜକିଶୋର ପଣ୍ଡା ଓ ରାଜେଶ ଖୁଣ୍ଟିଆ ସୁବର୍ଣ୍ଣପୁର ଜିଲ୍ଲାରେ ପହଞ୍ଚି ସହର ସ୍ଥିତ ପୁରୁଣା ବଡ଼ ଜଗନ୍ନାଥ ମନ୍ଦିରରେ ବିଧିବଦ୍ଧ ଭାବରେ ଶ୍ରୀମନ୍ଦିର ପ୍ରଦତ୍ତ ନିମନ୍ତ୍ରଣ ପତ୍ର ବଡ ଜଗନ୍ନାଥ ମନ୍ଦିର ପୂଜକଙ୍କୁ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ଅର୍ପଣ କରିଥିଲେ । ଏହି ପ୍ରତିନିଧି ଦଳ ସୋନପୁର ପାତାଳୀ ଶ୍ରୀକ୍ଷେତ୍ରକୁ ପହଞ୍ଚି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ପୁରୀ ଶ୍ରୀମନ୍ଦିର ପ୍ରଦତ୍ତ ପରିକ୍ରମା ଲୋକାର୍ପଣ ନିମନ୍ତ୍ରଣ ପୂଜକ ସହିତ ଉପସ୍ଥିତ ଟ୍ରଷ୍ଟ ସଦସ୍ୟ ପ୍ରମୁଖଙ୍କୁ ପ୍ରଦାନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦେଶର ତଥା ରାଜ୍ୟର ପ୍ରମୁଖ ଦେବାଦେବୀ ଏବଂ ବ୍ୟକ୍ତିବିଶେଷଙ୍କୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ନିମନ୍ତ୍ରଣ ଦେଇ ପ୍ରତିନିଧିମାନଙ୍କୁ ପ୍ରେରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ତହସିଲଦାର ଉଲୁଣ୍ଡା ଦିଲୀପ କୁମାର ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଟ୍ରଷ୍ଟ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସେବାୟତ ଗୁଣାକର ପଣ୍ଡା, ଉତ୍ତର କୁମାର ପାତ୍ର, ନଳିନୀ ବାଘ, ଜଗଦୀଶ କର୍ଣ୍ଣ, ଜାନକୀରାମ ଦେହେରୀ, ମହାଦେବ ସାହୁ, ସ୍ଥାନୀୟ ବରିଷ୍ଠ ନାଗରିକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଘର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।





## ନୀଳକମଳ ମିଶ୍ରଙ୍କ ମତରେ

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଐତିହାସିକ ପଦକ୍ଷେପ । ଏହି ପ୍ରକଳ୍ପର ଆସନ୍ତା ୧୭ତାରିଖ ଶୁଭ ଉଦ୍‌ଘାଟନ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅଧିନସ୍ଥ ପାତାଳି ଶ୍ରୀକ୍ଷେତ୍ରକୁ ଶ୍ରୀମନ୍ଦିର ପ୍ରଶାସନ ନିମନ୍ତ୍ରଣ କରିବା ପାତାଳି ଶ୍ରୀକ୍ଷେତ୍ରର ମହତ୍ତ୍ୱକୁ ରାଜ୍ୟ ହୃଦବୋଧ କରିଥିବା ସହିତ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷ ଏବଂ ଜିଲ୍ଲା ପ୍ରଶାସନକୁ ଅଞ୍ଚଳବାସୀ ବିଶେଷ କୃତଜ୍ଞତା ଜଣେଇବା ସହ ବିଭିନ୍ନ ଶକ୍ତିପୀଠ, ମଠ ମନ୍ଦିରର ସୌନ୍ଦର୍ଯ୍ୟ କରଣ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ନେଇ ସରକାରକୁ ସାଧାରଣରେ ପ୍ରଶଂସା କରାଯାଇଛି । ପୁରୀ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଦ୍ୱାରା ଦୈନିକ ହଜାର ହଜାର ଭକ୍ତ ସୁରୁଖୁରରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିବେ।

## ଉଗ୍ରସେନଙ୍କ ମତରେ ...



ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭବ୍ୟ ପ୍ରତିଷ୍ଠା ଉତ୍ସବକୁ ନେଇ ସାରା ରାଜ୍ୟବାସୀ ତଥା ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖା ଦେଇଥିବା ବେଳେ ସୋନପୁର ସହରରେ ଥିବା ସର୍ବ ପୁରାତନ ତଥା ଗଡ଼ଜାତ ଅଞ୍ଚଳର ବଡ଼ ଜଗନ୍ନାଥ ମନ୍ଦିରକୁ ଆସିଥିବା ପୁରୀ ଶ୍ରୀମନ୍ଦିର ସେବାୟତମାନେ ନିମନ୍ତ୍ରଣ ଦେଇଛନ୍ତି । ଚଳିତ ମାସ ୧୭ ତାରିଖ ଦିନ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଭବ୍ୟ ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ ଅନୁରୋଧ କରିଥିବାରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ପୁରୀ ଶ୍ରୀମନ୍ଦିର ପ୍ରଶାସନଙ୍କୁ ସୁବର୍ଣ୍ଣପୁର ଜିଲ୍ଲାବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ସମ୍ପାଦକୀୟ
29 YEARS
ସମ୍ବାଦ କଳିକା

# ସଙ୍କଟରେ ଲୋହିତ ସାଗର ବେପାର

ବିଶ୍ୱର ପ୍ରମୁଖ ଜଳପଥ ଲୋହିତ ସାଗରରେ ଜାହାଜଗୁଡ଼ିକ ଉପରେ ଆକ୍ରମଣ ବିଶ୍ୱ ବାଣିଜ୍ୟ ପ୍ରତି ବଡ଼ ଧରଣର ବିପଦ ସୃଷ୍ଟି କରିଛି । ଏହି ପଥ ଦେଇ ନିୟମିତ ବହୁ ସଂଖ୍ୟାରେ ଜାହାଜ ଚଳାଚଳ କରୁଥିବା ବେଳେ ଏକ ଆତଙ୍କବାଦୀ ଗୋଷ୍ଠୀ ଜାହାଜଗୁଡ଼ିକୁ ଆକ୍ରମଣ କରିବା ଘଟଣା ଏକ ବଡ଼ ସଙ୍କଟକୁ ଜନ୍ମ ଦେଇଛି । ଲୋହିତ ସାଗରରେ ହୁଥି ଆତଙ୍କବାଦୀଙ୍କ ଉତ୍ପାତ ଭାରତର ଚିନ୍ତା ବଢ଼ାଇ ଦେଇଛି । ଦେଶର ରପ୍ତାନି ପ୍ରତି ଏହା ବଡ଼ ଧରଣର ବିପଦ ସୃଷ୍ଟି କରିଛି । କାରଣ ଭାରତ ଏହାର ଅଧିକାଂଶ ଜିନିଷ ଏହି ଜଳପଥ ଦେଇ ବିଭିନ୍ନ ଦେଶକୁ ରପ୍ତାନି କରୁଛି । ଲୋହିତ ସାଗର ସଙ୍କଟ ପ୍ରଭାବରେ ଦେଶର ରପ୍ତାନି ପ୍ରାୟ ୩୦୦୦ କୋଟି ଡଲାର ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ଯଦି ଏହି ସଙ୍କଟ ଦୀର୍ଘଦିନ ଲାଗି ରହିବ ତେବେ ଭାରତକୁ ବିକଳ୍ପ ପଥ ଦେଇ ଜିନିଷ ପଠାଇବା ବିଷୟରେ ଚିନ୍ତା କରିବାକୁ ପଡ଼ିବ । ଅନ୍ୟ ପଥ ଦେଇ ଗଲେ ଗନ୍ତବ୍ୟ ସ୍ଥଳରେ ଜିନିଷ ପହଞ୍ଚିବା ଲାଗି ୨୦ ଦିନ ଅଧିକ ସମୟ ଲାଗିବ । ସେଥିପାଇଁ ରପ୍ତାନିକାରୀମାନଙ୍କ ଖର୍ଚ୍ଚ ବି ବଢ଼ିଯିବ । ୟୁରୋପ, ଆମେରିକା ଉପକୂଳ, ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକୀୟ ଦେଶଗୁଡ଼ିକୁ ରପ୍ତାନି କରିବା ଲାଗି ଭାରତ ଲୋହିତ ସାଗର ପଥ ଦେଇ ଜିନିଷ ପଠାଇଥାଏ । ପେଟ୍ରୋଲିୟମ ଉତ୍ପାଦ, ଦାନାଯୁକ୍ତ ଖାଦ୍ୟ ଏବଂ ରାସାୟନିକ ପଦାର୍ଥ ଆଦିକୁ ଏହି ପଥ ଦେଇ ପଠାଯାଉଛି । ଏହି ସଙ୍କଟ ଭାରତ ତେଲ ଓ ଅଟୋମୋବାଇଲ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରିବା ଆଶଙ୍କା ରହିଛି ।

ହୁଥି ଆଙ୍କତବାଦୀଙ୍କ କାର୍ଯ୍ୟକଳାପ ପରେ ସୁଏଜ କେନାଲ୍‌ରେ ଜାହାଜ ଗମନାଗମନରେ ୪୪ ପ୍ରତିଶତ ହ୍ରାସ ଘଟିଛି । ଗତମାସ ତୁଳନାରେ ଜାନୁଆରୀର ପ୍ରଥମ ସପ୍ତାହରେ ଏହି ପଥ ଦେଇ କମ ଜିନିଷ ପରିବହନ ହୋଇଛି । ହୁଥି ଆତଙ୍କବାଦୀ ଧମକ ଦେଇଛନ୍ତି ଯେ ଇସ୍ରାଏଲ ସହ ସମ୍ପର୍କ ଥିବା ଯେକୌଣସି ଜାହାଜକୁ ଆକ୍ରମଣ କରିବାକୁ ସେମାନେ ପଛାଇବେ ନାହିଁ । ରିସର୍ଚ୍ଚ ଆଣ୍ଡ ଇନ୍‌ଫର୍ମେସନ ସିଷ୍ଟମ ଫର ଡେଭେଲପିଂ କଣ୍ଟ୍ରିଜ ନାମକ ସଂସ୍ଥାର ଡିଜି ସଚିନ ଚତୁର୍ବେଦୀ କହିଛନ୍ତି ଯେ ଲୋହିତ ସାଗର ସଙ୍କଟ ନିଶ୍ଚିତ ରୂପେ ଭାରତର କାରବାରକୁ ପ୍ରଭାବିତ କରିବ । ଏହାର ପ୍ରଭାବରେ ରପ୍ତାନି ୬.୭ ପ୍ରତିଶତ ହ୍ରାସ ପାଇବ ଗତ ଆର୍ଥିକ ବର୍ଷରେ ଭାରତର ରପ୍ତାନି ୪୫,୧୦୦ କୋଟି ଡଲାର ରହିଥିଲା ଏଥର ସେଥିରେ ୩୦୦୦ କୋଟି ଡଲାର ହ୍ରାସ ହେବାର ଆଶଙ୍କା ରହିଛି । ଅନ୍ୟପକ୍ଷରେ କଣ୍ଟେନର ଦାମ୍‌ରେ ହୋଇଥିବା ବୃଦ୍ଧିକୁ ନେଇ ରପ୍ତାନିକାରୀମାନେ ଚିନ୍ତିତ ହୋଇପଡ଼ିଛନ୍ତି । ଏସିଆରୁ ଉତ୍ତର ୟୁରୋପକୁ ଯାତ୍ରା କରିବା ଲାଗି ବ୍ୟବହାର ହେଉଥିବା ୪୦ ଫୁଟ କଣ୍ଟେନର ଦାମ୍ ୪୦୦୦ ଡଲାରକୁ ବୃଦ୍ଧି ପାଇଛି । ଡିସେମ୍ବର ତୁଳନାରେ ଦାମ ୧୭୩ ପ୍ରତିଶତ ବଢ଼ିଛି । ଏସିଆରୁ ଉତ୍ତର ଆମେରିକାକୁ ଯାତ୍ରା କରୁଥିବା ୪୦ ଫୁଟ କଣ୍ଟେନର ଦାମ ୫୫ ପ୍ରତିଶତ ବୃଦ୍ଧି ପାଇ ୩୯୦୦ ଡଲାର ହୋଇଛି ।

# ମାନସ କବିଙ୍କ ଉତ୍କଳ ଆଗମନର ସ୍ମୃତି



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ:୯୩୩୭୧୦୨୫୫୩
Email ID: prafulla1941@gmail.com

**ଭୁବନେଶ୍ୱର ଉପକଣ୍ଠ ଓ ବର୍ତ୍ତମାନ ମହାନଗର ନିଗମ ପରିସର ଭୁକ୍ତ ବାଲିଅନ୍ତା ଥାନା ଜୟପୁର ମୌଜାର ତୁଳସୀ ଦାସ ପୀଠ । କଟକ-ଭୁବନେଶ୍ୱର ଜାତୀୟ ରାଜପଥ (ପୁରାତନ ଜଗନ୍ନାଥ ରାସ୍ତା) କଡ଼ରେ ଥିବା ପାହାଳ ଓ ହଂସପାଳ ମଧ୍ୟରେ ସ୍ଥାନଟି ଅବସ୍ଥିତ । ସ୍ଥାନୀୟ ଲୋକେ ତାହାକୁ ବୈଷ୍ଣବ ତଲାବ କହିଥାନ୍ତି । ହିନ୍ଦୀ ଭାଷାରେ ତଲାବକୁ ପୁଷ୍କରିଣୀ କୁହାଯାଏ । ବୈଷ୍ଣବ ବା ସାଧୁମାନଙ୍କ ଦ୍ୱାରା ଏହା ପ୍ରତିଷ୍ଠିତ ହୋଇଥିବାରୁ ଏପରି ନାମକରଣ କୁହାଯାଇପାରେ । ୧୯୭୨ ମସିହାରେ ସେହି ସ୍ମୃତି ଜଡ଼ିତ ସ୍ଥାନଟିର ଇତିହାସ ସହ କିମ୍ବଦନ୍ତୀ ଲେଖକର ଦୃଷ୍ଟିକୁ ଆସିଥିଲା । ସେତେବେଳେ ଏହାର ସମୁଦାୟ ଆୟତନ ଥିଲା ଏ୪.୦୮ ଡିସିମିଲ ଓ ତାହା ମଧ୍ୟରେ ରହିଛି ଏ୧.୦୦ ପରିମିତ ଜମିର ଏକ ପୁଷ୍କରିଣୀ । ରାସ୍ତା ସଂପ୍ରସାରଣ ଓ ପାଖ ଲୋକମାନଙ୍କ ଦଖଲ ଦ୍ୱାରା ଏହାର କିଛି ଅଂଶ କମିଯାଇଛି । ସେଠାରେ ରହିଛି ପ୍ରାୟ ୪୦ ଫୁଟ ଓ ୧୫ ଫୁଟ ଉଚ୍ଚତାର ଦୁଇଟି ମାଙ୍କଡ଼ା ଓ କନ୍ଦାପ୍ରସ୍ତର ନିର୍ମିତ ମନ୍ଦିର । ବଡ଼ ମନ୍ଦିରଟିରେ କୌଣସି ଦେବବିଗ୍ରହ ସ୍ଥାପିତ ନଥିଲା ବେଳେ ସ୍ଥାନଟିରେ ରହିଛି ଚିକ୍କଣ କଳା ମୁଗୁନି ପ୍ରସ୍ତର ନିର୍ମିତ ବେଲେଶ୍ୱର ନାମରେ ଶକ୍ତି ଓ ଲିଙ୍ଗ ଥିବା ଶିବଙ୍କ ବିଗ୍ରହ । ମହାତ୍ମା ତୁଳସୀ ଦାସଙ୍କ ଦ୍ୱାରା ତାହା ସ୍ଥାପିତ ହୋଇଥିବାର ସ୍ଥାନୀୟ ଲୋକଙ୍କଠାରୁ ଶୁଣାଯାଏ ।**

ରାମଚରିତ ମାନସର ପ୍ରଣେତା ସନ୍ଥ ତୁଳସୀ ଦାସଙ୍କ ଓଡ଼ିଶା ଆଗମନର କୌଣସି ବିସ୍ତୃତ ବର୍ଣ୍ଣନା ତାଙ୍କ ଜୀବନୀ ବୃତ୍ତାନ୍ତରେ ନଥିଲେ ବି ସେ ଚାରିଧାମ ତୀର୍ଥଯାତ୍ରାରେ ଯାଇଥିବାର ଉଲ୍ଲେଖ ରହିଛି । ଉତ୍କଳ ବା ବର୍ତ୍ତମାନର ଓଡ଼ିଶାକୁ ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସିଥିବାର ବହୁ ଚମକପ୍ରଦ କାହାଣୀ ସହ ସେହିସବୁ ସ୍ଥାନମାନ ରହି ତାଙ୍କର ସ୍ମୃତିକୁ କେବଳ ମନରେ ହେଜାଇ ଦେଉଛି । ଓଡ଼ିଶାର ଉତ୍ତର ଦିଗରୁ ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ "ଜଗନ୍ନାଥ ରାସ୍ତା" କଡ଼ରେ ଏହିଭଳି ଚାରିଗୋଟି ସ୍ଥାନର ସନ୍ଧାନ ଏପର୍ଯ୍ୟନ୍ତ ମିଳିଥିଲେ ମଧ୍ୟ ସେଠାରେ କେବଳ କିମ୍ବଦନ୍ତୀ ସାହାରା ହୋଇ ରହିଆସିଛି । ସେହିସବୁ ସ୍ଥାନମାନଙ୍କ ଭିତରେ ରହିଛି ଭୁବନେଶ୍ୱର ଉପକଣ୍ଠ ଓ ବର୍ତ୍ତମାନ ମହାନଗର ନିଗମ ପରିସର ଭୁକ୍ତ ବାଲିଅନ୍ତା ଥାନା ଜୟପୁର ମୌଜାର ତୁଳସୀ ଦାସ ପୀଠ । କଟକ-ଭୁବନେଶ୍ୱର ଜାତୀୟ ରାଜପଥ (ପୁରାତନ ଜଗନ୍ନାଥ ରାସ୍ତା) କଡ଼ରେ ଥିବା ପାହାଳ ଓ ହଂସପାଳ ମଧ୍ୟରେ ସ୍ଥାନଟି ଅବସ୍ଥିତ । ସ୍ଥାନୀୟ ଲୋକେ ତାହାକୁ ବୈଷ୍ଣବ ତଲାବ କହିଥାନ୍ତି । ହିନ୍ଦୀ ଭାଷାରେ ତଲାବକୁ ପୁଷ୍କରିଣୀ କୁହାଯାଏ । ବୈଷ୍ଣବ ବା ସାଧୁମାନଙ୍କ ଦ୍ୱାରା ଏହା ପ୍ରତିଷ୍ଠିତ ହୋଇଥିବାରୁ ଏପରି ନାମକରଣ କୁହାଯାଇପାରେ । ୧୯୭୨ ମସିହାରେ ସେହି ସ୍ମୃତି ଜଡ଼ିତ ସ୍ଥାନଟିର ଇତିହାସ ସହ କିମ୍ବଦନ୍ତୀ ଲେଖକର ଦୃଷ୍ଟିକୁ ଆସିଥିଲା । ସେତେବେଳେ ଏହାର ସମୁଦାୟ ଆୟତନ ଥିଲା ଏ୪.୦୮ ଡିସିମିଲ ଓ ତାହା ମଧ୍ୟରେ ରହିଛି ଏ୧.୦୦ ପରିମିତ ଜମିର ଏକ ପୁଷ୍କରିଣୀ । ରାସ୍ତା ସଂପ୍ରସାରଣ ଓ ପାଖ ଲୋକମାନଙ୍କ ଦଖଲ ଦ୍ୱାରା ଏହାର କିଛି ଅଂଶ କମିଯାଇଛି । ସେଠାରେ ରହିଛି ପ୍ରାୟ ୪୦ ଫୁଟ ଓ ୧୫ ଫୁଟ ଉଚ୍ଚତାର ଦୁଇଟି ମାଙ୍କଡ଼ା ଓ କନ୍ଦାପ୍ରସ୍ତର ନିର୍ମିତ ମନ୍ଦିର । ବଡ଼ ମନ୍ଦିରଟିରେ କୌଣସି ଦେବବିଗ୍ରହ ସ୍ଥାପିତ ନଥିଲା ବେଳେ ସ୍ଥାନଟିରେ ରହିଛି ଚିକ୍କଣ କଳା ମୁଗୁନି ପ୍ରସ୍ତର ନିର୍ମିତ ବେଲେଶ୍ୱର ନାମରେ ଶକ୍ତି ଓ ଲିଙ୍ଗ ଥିବା ଶିବଙ୍କ ବିଗ୍ରହ । ମହାତ୍ମା ତୁଳସୀ ଦାସଙ୍କ ଦ୍ୱାରା ତାହା ସ୍ଥାପିତ ହୋଇଥିବାର ସ୍ଥାନୀୟ ଲୋକଙ୍କଠାରୁ ଶୁଣାଯାଏ । ପ୍ରଥମେ ମାନସ କବି ଶିବ ଭକ୍ତ ଥିବାର ଉଲ୍ଲେଖ ରହିଛି । ବଡ଼ ମନ୍ଦିରଟି ପ୍ରାଚୀନ ହେଲେ ମଧ୍ୟ ପୂର୍ବରୁ ଥିବା ଭିତ୍ତିଭୂମି ଉପରେ ଏହା ପୁନଃନିର୍ମିତ ହୋଇଥିବାର ଜଣାପଡୁଛି । ବର୍ତ୍ତମାନର ସେହି ମନ୍ଦିରର ପୂର୍ବ ଭାଗରେ ମାଟି ତଳେ ଅନ୍ୟ ଏକ ଘର ବା ମନ୍ଦିର ଥିବାର ଭିତ୍ତିଭୂମି ଦେଖାଯାଏ । ପୁଷ୍କରିଣୀର ପଶ୍ଚିମପଟ ହୁଡ଼ାରେ ହାତୀମାନଙ୍କର ଜଳପାନ ନିମନ୍ତେ କନ୍ଦାପ୍ରସ୍ତର ବିଛା ହୋଇଥିବା ଏକ ଗଡ଼ା ଥିଲା ଯାହାକି ପୁଷ୍କରିଣୀର ପୁନରୁଦ୍ଧାର ବେଳେ ଭାଙ୍ଗିଯାଇଛି । ସେହି ସ୍ଥାନଟି ଲୋକ ମୁଖରେ ହାତୀଗଡ଼ା ନାମରେ ପରିଚିତ । ପୁଣି ପୁଷ୍କରିଣୀର କୂଳରେ ରହିଛି ଧ୍ୟାନରତ ସନ୍ଥ ତୁଳସୀ ଦାସଙ୍କ କନ୍ଦାପ୍ରସ୍ତରରେ ନିର୍ମିତ ବିଗ୍ରହ । ଉଚ୍ଚତା ଓ ପ୍ରସ୍ଥ ପ୍ରାୟ ୨x୨ଫୁଟ । ନିକଟସ୍ଥ ସରକାରୀ ଜମିରୁ କନ୍ଦା ପ୍ରସ୍ତର ନିର୍ମିତ ୨.୧/୨x୧.୧/୨ ଉଚ୍ଚତାର ହନୁମାନଙ୍କ ବିଗ୍ରହ ମିଳିଥିଲା ଯାହାକି ସେଠାରେ ଆଣି ରଖାଯାଇଛି । ତତ୍କାଳୀନ ବାଲିଅନ୍ତା ଅଞ୍ଚଳର ନେତୃ ସ୍ଥାନୀୟ ବ୍ୟକ୍ତି ତଥା ବିଭିନ୍ନ ସମୟରେ ମନ୍ତ୍ରୀ ଓ ଶେଷରେ ବାଚସ୍ପତି ପଦ ଅଳଙ୍କୃତ କରିଥିବା ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତିଙ୍କ ମାଧ୍ୟମରେ ସ୍ଥାନଟିକୁ ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଦୃଷ୍ଟିକୁ ଅଣାଯାଇଥିଲା । ସେ ସମୟର ପ୍ରସିଦ୍ଧ ରାମଭକ୍ତ ସ୍ୱର୍ଗତ ଦୁର୍ଗା ପ୍ରସାଦ ତ୍ରିପାଠୀ ଏହାର ପୁନରୁଦ୍ଧାର ନିମନ୍ତେ ପ୍ରଥମେ ଆଗେଇ ଆସିଥିଲେ । ସେତେବେଳେ ସେ ଥିଲେ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ଓ ବିଭାଗୀୟ ମନ୍ତ୍ରୀ ଥିଲେ ସ୍ୱର୍ଗତଃ ମୋହନ ନାୟକ । ଉପର ଆଲୋଚ୍ୟ ପୁଷ୍କରିଣୀ ଚାରିପାଖରେ ରହିଥିବା ଶସ୍ୟ କେଦାରକୁ ପାଣି ଯୋଗାଇବା ନିମନ୍ତେ ଏହାକୁ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ପରିଣତ କରିବା ସହ ଭଗ୍ନ ମନ୍ଦିରମାନଙ୍କର ପୁନରୁଦ୍ଧାର କାର୍ଯ୍ୟ ତାଙ୍କରି ଉଦ୍ୟମରେ ହିଁ ଆରମ୍ଭ ହୋଇଥିଲା । ପ୍ରଶାସନିକ ସୁବିଧା ସହ କାର୍ଯ୍ୟ ସବୁକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏହି ପ୍ରକଳ୍ପ ସେତେବେଳର କଟକରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଦାୟିତ୍ୱରେ ରଖାଗଲା ।

ଭୁବନେଶ୍ୱରସ୍ଥ ଝାରପଡ଼ାରେ ରହୁଥିବା ବିଶିଷ୍ଟ ଖଣି କଣ୍ଟ୍ରାକ୍ଟର ସ୍ୱର୍ଗତ ଜଗଦୀଶ ଚନ୍ଦ୍ର ବୁଦ୍ଧରାଜ ମନ୍ଦିର ମରାମତି ସରିବା ପରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କର ଦୁଇଫୁଟ ଉଚ୍ଚର ମାର୍ବଲରେ ତିଆରି ବିଗ୍ରହମାନ କୋଲକତାର ଜୟପୁର ଏମ୍ପୋରିୟମ୍‌ରୁ କିଣି ଆଣିବା ସହ ପ୍ରତିଷ୍ଠାର ସମ୍ପୂର୍ଣ୍ଣ ଦାୟିତ୍ୱ ନିଜେ ଲିଭାଇ ଥିଲେ । ପ୍ରଥମରୁ ସ୍ଥାନଟିର ସୁରକ୍ଷା ନିମନ୍ତେ ସେତେବେଳର ଭୁବନେଶ୍ୱର ରାଜସ୍ୱ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର ମୋହନ ସେନାପତିଙ୍କ ନିର୍ଦ୍ଦେଶରେ ଖୁଣ୍ଟ ସହ ତାରବାଡ଼ ଘେରାଇ ଦିଆଯାଇଥିଲା । ପୁଷ୍କରିଣୀର ଚାରିପଟେ ସିମେଣ୍ଟ ତିଆରି ଚୌକିମାନ ମଧ୍ୟ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିଲା । ସ୍ୱର୍ଗତ ଦୁର୍ଗପ୍ରସାଦ ତ୍ରିପାଠୀଙ୍କ ପରେ ଗ୍ରାମ ଉନ୍ନୟନ ବିଭାଗର ତତ୍କାଳୀନ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ ଭୁବନେଶ୍ୱର ନିକଟରେ ଥିବା ଏପରି ଏକ ପ୍ରାଚୀନ ଓ ଇତିହାସ ସ୍ମୃତି ଜଡ଼ିତ ସ୍ଥାନଟିର ଉନ୍ନୟନ ଚାଲୁ ରଖିବା ନିମନ୍ତେ ଉଦ୍ୟମ ଆରମ୍ଭ କରି ବଜେଟ୍‌ରେ କିଛି ଅର୍ଥର ବ୍ୟବସ୍ଥା ମଧ୍ୟ କରିଥିଲେ । ମାତ୍ର ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ପୁଷ୍କରିଣୀର ମାଲିକାନା ସାବ୍ୟସ୍ତ କରିବା ପାଇଁ ନ୍ୟାୟାଳୟରେ ଏକ ମକଦ୍ଦମା ହୋଇଥିଲା । ଏହିଭଳି ବିବାଦମାନ ସୃଷ୍ଟି ହେବା ହେତୁ ସରକାରଙ୍କ ଅର୍ଥ ଖର୍ଚ୍ଚ ଆଉ ଆଗେଇ ପାରିଲା ନାହିଁ । ସ୍ଥାନୀୟ ଜଣେ ଅବସରପ୍ରାପ୍ତ ସରକାରୀ ଚାକିରିଆ କୌଣସି ଉପାୟରେ ଉକ୍ତ ଜମିରେ ନିଜର ସତ୍ୱ ସାବ୍ୟସ୍ତ କରିଥିବାରୁ ସରକାରଙ୍କ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇ ସମସ୍ତ ଭୂସମ୍ପତ୍ତିକୁ ଦେବୋତ୍ତର କମିଶନର ଅଧିନକୁ ଅଣାଯାଇଥିଲା । ନଗର ଉନ୍ନୟନ ବିଭାଗ ଏହି ସ୍ଥାନର ଉନ୍ନୟନ ନିମନ୍ତେ ଭୁବନେଶ୍ୱର ମହାନଗର ନିଗମକୁ ପ୍ରାୟ ୫୩ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ ଓ ପୋଲିସ ହାଉସିଂ କର୍ପୋରେସନ ମାଧ୍ୟମରେ କାର୍ଯ୍ୟ ଆରମ୍ଭ ହେବାବେଳକୁ ସ୍ଥାନୀୟ କେତେକଙ୍କ ଦ୍ୱାରା ପୁଣି ବିବାଦ ସୃଷ୍ଟି ହେବା ଫଳରେ ତାହା ଏପର୍ଯ୍ୟନ୍ତ ନ୍ୟାୟାଳୟର ବିଚରାଧିନ ରହିଛି । ଭୁବନେଶ୍ୱର ମହାନଗର ମଧ୍ୟରେ ଏପରି ଏକ ସ୍ଥାନର ଜମିକୁ ହାତେଇବା ନିମନ୍ତେ ବହୁ ଲୋକେ ଉଦ୍ୟମ ବି କରିଚାଲିଛନ୍ତି । ସେମାନଙ୍କର ଉଦ୍ୟମ କେତେଦୂର ସଫଳ ହେବ ତାହା କେବଳ ଭବିଷ୍ୟତ ହିଁ କହିବ ।

ସ୍ଥାନଟିର କିମ୍ବଦନ୍ତୀରୁ ଜଣାପଡ଼େ ଯେ ସନ୍ଥ ତୁଳସୀ ଦାସ ଶିଷ୍ୟମାନଙ୍କ ସହ ପୁରୀ ଯାତ୍ରା ବେଳେ ଏହି ସ୍ଥାନରେ କିଛି ଦିନ ରହିଥିଲେ । ଏଠାରେ ଦେଖାଯାଉଥିବା ମନ୍ଦିର ଓ ପୁଷ୍କରିଣୀ ତାଙ୍କରି ଉଦ୍ୟମରେ ହିଁ ନିର୍ମିତ ହୋଇଥିବାର ଲୋକେ କହନ୍ତି । ସେଠାରେ ଥିବାବେଳେ କେତେକ ଶିଷ୍ୟମାନଙ୍କ ସହ ଭିକ୍ଷା ନିମନ୍ତେ ସେ ପ୍ରତ୍ୟହ ନିକଟସ୍ଥ ଜନପଦମାନଙ୍କୁ ଚାଲିଯାଉଥିଲେ । ମନ୍ଦିର ଗଡ଼ା ଓ ପୁଷ୍କରିଣୀ ଖନନ କାର୍ଯ୍ୟର ତଦାରଖ ନିମନ୍ତେ "ରାମ" ନାମକ ଜଣେ ନିର୍ଦ୍ଦିଷ୍ଟ ଶିଷ୍ୟଙ୍କୁ ସେ ଦାୟିତ୍ୱ ଦେଇଥିଲେ । ପ୍ରତିଦିନର ଭିକ୍ଷାରେ ଯାହା ମିଳୁଥିଲା ସେଥିରେ ସେମାନଙ୍କର ଭୋଜନ ବ୍ୟତୀତ ଅନ୍ୟ ସବୁକୁ ମନ୍ଦିର ନିର୍ମାଣ ଓ ପୁଷ୍କରିଣୀ ଖୋଳା କାର୍ଯ୍ୟରେ ଲଗାଇ ଦେଉଥିଲେ । ନିକଟସ୍ଥ ଗ୍ରାମମାନଙ୍କରୁ ବହୁ ଶ୍ରମିକ ବି ଏହି କାର୍ଯ୍ୟରେ ପ୍ରତ୍ୟହ ନିୟୋଜିତ ହେଉଥିଲେ । ଦିନେ ଶ୍ୟାମଳ ବର୍ଣ୍ଣର ଜଣେ ବଳୁଆ ଆଦିବାସୀ ଯୁବକ ସେଠାରେ ପହଞ୍ଚି ଦାୟିତ୍ୱରେ ଥିବା ଶିଷ୍ୟଙ୍କ ଠାରୁ ଅନୁମତି ନେଇ ପୁଷ୍କରିଣୀର ଖୋଳା କାର୍ଯ୍ୟରେ ଅନ୍ୟମାନଙ୍କ ସହ ଯୋଗଦେଲେ । କିଛିଦିନ ଅତିବାହିତ ହେବାପରେ ସେ ନିଜ ଭାଇ ଓ ସ୍ତ୍ରୀଙ୍କୁ ସାଥିରେ ରଖିବା ପାଇଁ ଶିଷ୍ୟଙ୍କର ଅନୁମତି ଲୋଡ଼ିଲେ । ତାହା ବି ଶିଷ୍ୟଙ୍କ ଦ୍ୱାରା ମଞ୍ଜୁର ହେଲା । ଭାଇ ଓ ସ୍ତ୍ରୀ ସେଠାକୁ ଆସିବାବେଳେ ସେମାନଙ୍କ ସାଥିରେ ଥିଲା ଗୋଟାଏ ବଡ଼ ହନୁମାଙ୍କଡ଼ । ଅନ୍ୟ ଶ୍ରମିକମାନଙ୍କ ସହ ଆଗନ୍ତୁକ ତିନିଜଣ ପୁଷ୍କରିଣୀ ଖନନ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ହନୁମାଙ୍କଡ଼ଟିର ଉପଦ୍ରବ ବହୁତ ବଢ଼ି ଯାଇଥିଲା । ସେଠାରେ ଲଗାଯାଇଥିବା ଫୁଲ, ଫଳ, ଗଛମାନଙ୍କୁ ସେ ନଷ୍ଟ କରିଦେଉଥିଲା । ମାଙ୍କଡଟିର ଉତ୍ପାତରେ ଅତିଷ୍ଠ ହୋଇ ଦିନେ ଶିଷ୍ୟ ତାକୁ ବାହାର କରିଦେବା ନିମନ୍ତେ ସେମାନଙ୍କୁ ନିର୍ଦ୍ଦେଶ ଦେଲେ । କିନ୍ତୁ ସେମାନେ ମାଙ୍କଡ଼କୁ ନିଜ ପାଖରୁ ଛାଡ଼ିବା ନିମନ୍ତେ ଆଦୌ ରାଜି ହେଲେନାହିଁ । ତେଣୁ ଶିଷ୍ୟ 'ରାମ' ସମସ୍ତଙ୍କୁ ସେଠାରୁ ଚାଲିଯିବାକୁ କହିବାରୁ ସେମାନେ ସନ୍ଥ ତୁଳସୀ ଦାସ ମହାଶୟଙ୍କୁ କଥାଟା ଜଣାଇବାକୁ ଅନୁରୋଧ କଲେ । "ସନ୍ଥ ମହୋଦୟ ଯଦି ଅନୁମତି ଦିଅନ୍ତି ତେବେ ଯିବାରେ କିଛି ଆପତ୍ତି ନାହିଁ" ବୋଲି ସେମାନେ କହିଲେ । ଶିଷ୍ୟ 'ରାମ' ବି ଏଥିରେ ସମ୍ମତି ପ୍ରକାଶ କଲେ । ସନ୍ଧ୍ୟା ହେବାପରେ କାର୍ଯ୍ୟ ବନ୍ଦ ରହୁଥିଲା । ଅନ୍ୟମାନଙ୍କ ସହ ସନ୍ଥ ତୁଳସୀ ଦାସ ଭିକ୍ଷା କରି ଫେରିଆସିବା ପରେ ଶିଷ୍ୟ "ରାମ" ସମସ୍ତ କଥା ତାଙ୍କୁ ଜଣାଇଲେ । ଏପରି ଶୁଣି ଚମତ୍କୃତ ହେଲେ ସନ୍ଥ ଓ ସେମାନଙ୍କୁ କାମରୁ ବିଦା ନ କରିବା ପାଇଁ ଶିଷ୍ୟଙ୍କୁ କହିଲେ । ପରଦିନ ସେ ଭିକ୍ଷାକୁ ନଯାଇ ଶିଷ୍ୟ "ରାମ"ଙ୍କ ସହ ଗୋଟାଏ ଗଛ ଆଢୁଆଳରେ ଲୁଚି ରହିଗଲେ । ପୋଖରୀ ଖୋଳା କାମ ଆରମ୍ଭ ହେବାପରେ ଶିଷ୍ୟ "ରାମ" ସେହି ତିନିଜଣଙ୍କ ସହ ହନୁମାଙ୍କଡକୁ ଗୁରୁଦେବଙ୍କୁ ଚିହ୍ନାଇ ଦେଇଥିଲେ । ତୁଳସୀ ଦାସ ଦେଖିଲେ ଯେ ସେମାନେ ଆଉ କେହି ନୁହଁନ୍ତି, ତାଙ୍କର ଇଷ୍ଟଦେବ ପ୍ରଭୁ ଶ୍ରୀରାମଚନ୍ଦ୍ର, ମାତା ସୀତା, ଭ୍ରାତା ଲକ୍ଷ୍ମଣଙ୍କ ସହ ବିଶାଳବପୁ ହନୁମାନଙ୍କୁ । ଯୋଡ଼ ହସ୍ତରେ ସନ୍ଥ ତୁଳସୀ ଦାସ "ନିସ୍ତରିଗଲି" କହି ଶିଷ୍ୟଙ୍କ ସହ କାର୍ଯ୍ୟ ସ୍ଥଳକୁ ଦୌଡ଼ିଗଲେ । ସେତେବେଳେ ତାଙ୍କ ଚକ୍ଷୁ ଦ୍ୱୟରୁ ବହି ଯାଉଥିଲା ଅବାରିତ ଅଶ୍ରୁର ଧାର । ମାତ୍ର କାମ କରୁଥିବା ସ୍ଥାନରେ ପହଞ୍ଚି ସେ ଆଉ ସେମାନଙ୍କୁ ଦେଖିପାରିଲେ ନାହିଁ । ସେମାନେ କାମ କରୁଥିବା ମାଟିରେ ସନ୍ଥ ମହାତ୍ମା କେବଳ ଗଡ଼ିଯାଇ କାତର କଣ୍ଠରେ କହୁଥିଲେ "ମୁଁ ହତଭାଗ୍ୟ, ପ୍ରଭୁ ! ଆପଣ ଏପରି କାର୍ଯ୍ୟରେ ଯୋଗଦେଇ ଶ୍ରମ କରି ଫେରିଗଲେ । ପୁଣି ଶିଷ୍ୟ ରାମଙ୍କର ପାଦ ଦୁଇଟିକୁ ଧରି କହିଉଠିଲେ "ଧନ୍ୟ ତୁମେ । ପ୍ରଭୁମାନଙ୍କର ସାନ୍ନିଧ୍ୟ ତୁମେ ହିଁ ପାଇ ପାରିଥିଲ ।" ଏପରି ଲୋକ କଥାକୁ ନେଇ ସ୍ଥାନଟି ଏବେ ବି ବଞ୍ଚି ରହିଛି ।

ସନ୍ଥ ତୁଳସୀ ଦାସଙ୍କ ସ୍ମୃତି ଜଡ଼ିତ ଏପରି ପ୍ରାଚୀନ ପୀଠର ଉନ୍ନତି ହୋଇପାରିଲେ ଏହା ଏକ ମନୋରମ ପର୍ଯ୍ୟଟନ କେନ୍ଦ୍ର ନିଶ୍ଚିତ ହୋଇପାରନ୍ତା ।

# ଉଦୀୟମାନ ଯୁବପିଢ଼ି



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

**ଧୀରେ ଧୀରେ ବେକାର ଥିବା ଯୁବ ପିଢ଼ି ମାନଙ୍କ ମଧ୍ୟରେ ବିତୃଷ୍ଣା ଭାବ ବଢୁଛି, କିଏ ନିଜ ଜୀବନକୁ ଆତ୍ମହତ୍ୟା ଦ୍ୱାରା ନିଃଶେଷ କରିଦେବା ତ' କିଏ ଅବାଟରେ ଯାଇ ଅପରାଧୀ ପାଲଟି ଯିବ ବା ଶେଷରେ ଦେଶ ପାଇଁ ଏକ ବୋଝ ହୋଇ ଯିବ । ତେଣୁ ସରକାରୀ ସ୍ତରରେ ବଣ୍ଟା ଯାଉଥିବା ମାଗଣା ଜିନିଷକୁ ବନ୍ଦ କରି କର୍ମ ଯୋଗାଣ ପାଇଁ ଚେଷ୍ଟିତ ହେବା ବୁଦ୍ଧିମାନର କାର୍ଯ୍ୟ ହେବ । ଆମ ଦେଶରେ ଶିକ୍ଷା ନୀତି ଏକ ଗୋଲକ ଧନ୍ଦା ସଦୃଶ, ପୁଞ୍ଜିପତି ମାନଙ୍କୁ ଅନୁମତି ଦେଇ ଦେଶ ସାରା ହଜାର ହଜାର ଇଞ୍ଜିନିଅରିଂ, ଡାକ୍ତରୀ, ଆବାସିକ କଲେଜ ଖୋଲି ଦେଇଛନ୍ତି, କଲେଜ ଗୁଡିକ ନିରୀହ ଛାତ୍ର ମାନଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି, ବ୍ୟାଙ୍କ ଋଣ କରାଇ କଲେଜରେ ଆଡ଼ମିସନ୍ କରାଇ ଦେଉଛନ୍ତି, ପାଠ ପଢାଇବା ପାଇଁ କଲେଜରେ ଉପଯୁକ୍ତ ଶିକ୍ଷକ ନ'ଥିବାରୁ ପିଲାମାନେ ସିଲାବସ ଅନୁଯାଇ ପାଠ ପଢି ପାରୁ ନାହାନ୍ତି, ତେଣୁ ଯେନ ତେନ ପ୍ରକାରେ ପାସ କରି କୌଣସି ଚାକିରୀ ପାଇଁ ଯୋଗ୍ୟ ବିବେଚିତ ପାରୁନାହାନ୍ତି ।**

ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ବେକାରୀ ସମସ୍ୟା ଦେଖାଯାଏ, ଆମ ଦେଶ ଭାରତ ବର୍ଷ ରେ ମଧ୍ୟ ଏହି ସମସ୍ୟା ଗୁରୁତର ରୂପ ନେବାକୁ ବସିଲାଣି । ୨୦୨୦-୨୧ ମସିହା ସମୟରେ କୋଭିଡି ଜନିତ କଟକଣା ଯୋଗୁଁ ବେକାରୀ ସମସ୍ୟା ବଢ଼ି ଯାଇ ଜନସଂଖ୍ୟାର ୧୨.୬% ପ୍ରତିଶତ ଥିଲା କିନ୍ତୁ ୨୦୨୨ ଏପ୍ରିଲ ମାସ ଠାରୁ ଜୁନ ମାସ ମଧ୍ୟରେ ହୋଇଥିବା ପରିସଂଖ୍ୟାନ ଅନୁଯାୟୀ ଏହା ନିମ୍ନଗାମୀ ହୋଇ ୭.୬% ପ୍ରତିଶତରେ ପହଂଚିଛି । ଯଦିଓ ଏହା ଖୁସିର ଖବର ତଥାପି ୧୪୨ କୋଟି ଜନସଂଖ୍ୟା ବିଶିଷ୍ଟ ପୃଥିବୀର ସବୁଠାରୁ ବଡ଼ ଗଣତନ୍ତ୍ର ରାଷ୍ଟ୍ର ପାଇଁ ଜନସଂଖ୍ୟାର ୭.୬ % ପ୍ରତିଶତ ବେକାରୀ ମଧ୍ୟ ବଡ଼ ଚିନ୍ତାର ବିଷୟ । ଯୁବ ସମାଜ ଏହି ବେକାରୀ ସମସ୍ୟାକୁ ଖୁବ କଷ୍ଟରେ ସାମ୍ନା କରିବାକୁ ବାଧ ହେଉଛନ୍ତି, ସରକାର ଯେତେ ଶୀଘ୍ର ଏହାର ସମାଧାନ କରିବେ ସେତେ ଶୀଘ୍ର ଏହା ଦେଶ ପାଇଁ ଶୁଭଙ୍କର ବୋଲି ପ୍ରମାଣିତ ହେବ । ଯୁବ ଶକ୍ତି ଆଗାମୀ କାଲିର ଭବିଷ୍ୟତ ଏବଂ ଦେଶ ପ୍ରଗତିର ଅବିଚ୍ଛେଦ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ ।

ଯେତେବେଳେ ଦେଶରେ ଅର୍ଥନୈତିକ ଭାରସାମ୍ୟ ରହେ ନାହିଁ, ଧନୀ ଆହୁରି ଧନୀ ହୋଇ ଚାଲେ ଏବଂ ଦରିଦ୍ର ଆହୁରି ବେଶୀ ବେଶୀ ଦରିଦ୍ର ହୋଇ ଯାଏ, ସେହି କ୍ଷେତ୍ରରେ ଦେଶରେ ଅରାଜକତା ବଢିବାକୁ ଆରମ୍ଭ କରେ । ସରକାର ଯଦି ଏହି ପ୍ରକ୍ରିୟାକୁ ନିଜ ବୁଦ୍ଧି ବଳରେ ନିୟନ୍ତ୍ରଣ କରି ନ'ପାରନ୍ତି ତେବେ ଜନତା ଅନେକ ସମୟରେ ନିର୍ଯାତିତ ହୁଅନ୍ତି, ଏବଂ ନିର୍ଯାତନାର ସୀମା ଟପି ଗଲେ ରାଜରାସ୍ତାକୁ ଓହ୍ଲାଇ ଆସନ୍ତି, ତଥା ଆଇନ କାନୁନକୁ ବେଖାତିର କରି ମନଇଚ୍ଛା ଦେଶର ସମ୍ପତ୍ତିକୁ ନଷ୍ଟ ଭ୍ରଷ୍ଟ କରିଥା'ନ୍ତି । ଅତୀତରେ ଶ୍ରୀଲଙ୍କା ପରିସ୍ଥିତି ଠିକ ଏହିପରି ହୋଇଥିଲା । ପୁଞ୍ଜିପତି ମାନେ ଦେଶ ପାଇଁ ଗର୍ବ ଏହା କ'ଣ ସତ୍ୟ? ସେହି ପୁଞ୍ଜି ସେମାନେ କେଉଁଠାରୁ ସଂଗ୍ରହ କଲେ? ପୁଞ୍ଜିର ବିନିଯୋଗ ଠିକ୍ ରୂପେ ହେଉଛି କି ନାହିଁ ତାହା ଦେଖିବା ସରକାରଙ୍କ କାର୍ଯ୍ୟ, ପୁଞ୍ଜିପତି ମାନେ ସାଧାରଣ ଜନତାଙ୍କୁ ଲୁଟି ନିଜର ସାମ୍ରାଜ୍ୟ ବିସ୍ତାର କରିବାରେ ସିଦ୍ଧହସ୍ତ, ନିଜ ସ୍ୱାର୍ଥ ପାଇଁ ସେମାନେ ସରକାର ମଧ୍ୟ ଭାଙ୍ଗି ପାରନ୍ତି, ମନ ପସନ୍ଦର ସରକାର ମଧ୍ୟ ଗଢି ପାରନ୍ତି ଏହା ପ୍ରମାଣିତ । ତେବେ ଗଣତାନ୍ତ୍ରିକ ପଦ୍ଧତିରେ ସରକାର ଗଢ଼ିଥିବା ଏହି ନିରୀହ ଭୋଟ ଦାତାଙ୍କର ଭୂମିକା କ'ଣ ରହିଲା ? ବର୍ତ୍ତମାନ ସୁଦ୍ଧା କେତେ ନୂତନ ଶିଳ୍ପ ଗଢି ଉଠିଛି ? କେତେ ଯୁବକ ଯୁବତୀ କାର୍ଯ୍ୟ ପାଉଛନ୍ତି ? କେତେ ଆତ୍ମନିର୍ଭରଶୀଳ ହେଉଛନ୍ତି ? ଏହି ସବୁ ତଥ୍ୟ ତ' ଆର:ଟି:ଆଇ ଦ୍ୱାରା ସହଜେ ଜାଣିହେବ ।

ସରକାରୀ କାର୍ଯ୍ୟାଳୟରେ ନୂତନ ନିଯୁକ୍ତି ବନ୍ଦକରି ଅବସର ପ୍ରାପ୍ତ / ପେନ୍ସନ ଭୋଗୀଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି । ଏହାଦ୍ୱାରା ଯୁବ ସମାଜ ତଥା ଯୋଗ୍ୟ ପ୍ରାର୍ଥୀମାନେ ମାନସିକ ତଥା ଶାରୀରିକ ଯନ୍ତ୍ରଣା ପାଉଛନ୍ତି । ଭୋକ ବା କ୍ଷୁଧା ସ୍ଥାନ କାଳ ପାତ୍ର ଦେଖେ ନାହିଁ କ୍ଷୁଧାର ଉପଶମ ପାଇଁ ଖାଦ୍ୟ ଆବଶ୍ୟକତା ଏବଂ ଖାଦ୍ୟ ପାଇଁ ଅର୍ଥର ଆବଶ୍ୟକତା ପଡେ, ଅର୍ଥ ପାଇଁ ପରିଶ୍ରମ କରିବାକୁ ପଡେ । ଯୋଗ୍ୟତା ଅନୁସାରେ ଯଦି ସରକାର ବା ଉଦ୍ୟୋଗୀ ମାନେ କାର୍ଯ୍ୟ ଯୋଗାଇ ନ'ପାରିବେ ତେବେ ଏହି ଯୁବ ପିଢ଼ି କଣ କରିବେ? ଦେଶର ଆର୍ଥିକ ସ୍ଥିତି କିଛିଦିନ ପରେ ରୁଗ୍ଣ ହୋଇଯିବ ତଥା ଯୁବପିଢ଼ି ମାନଙ୍କ ମନରେ କାର୍ଯ୍ୟ ପ୍ରତି ଥିବା ଉତ୍ସାହ ଧୀରେ ଧୀରେ କମିଯିବ । କର୍ତ୍ତୃପକ୍ଷ ଯୁବ ପିଢିଙ୍କ ମାନସିକତାକୁ ତୃଣମୂଳ ସ୍ତରରୁ ତର୍ଜମା କରନ୍ତୁ, ଯଦି କର୍ମସଂସ୍ଥାନ ଯୋଗାଇବାରେ ବିଫଳ, ତେବେ ନିର୍ଦ୍ଧାରିତ ବର୍ଗର ବେକାର ଯୁବକ ଯୁବତୀଙ୍କ ପାଇଁ କିଛି ପ୍ରକଳ୍ପ କରନ୍ତୁ ନ'ହେଲେ ପରିସ୍ଥିତି ଅଣାୟତ୍ତ ହୋଇଯିବ । ଦେଶରେ ପୁଞ୍ଜିପତି ରୁହନ୍ତୁ, ତାହା ସହିତ ଗରିବ ମାନଙ୍କର କଲ୍ୟାଣ ପାଇଁ ଥିବା ଯୋଜନା ଗୁଡିକର ସମୀକ୍ଷା କରି ଗରିବ କଲ୍ୟାଣ ପାଇଁ ଆସୁଥିବା ଟଙ୍କା ହଡପ କରୁଥିବା ଅସାଧୁ ମଧ୍ୟସ୍ଥିଙ୍କ ପାଇଁ କଠୋର ଦଣ୍ଡ ବିଧାନ ହେବାର ସମୟ ଉପନୀତ । ଦେଶର ଯୁବ ପିଢିଙ୍କୁ ଅଣଦେଖା କରିଥିବା ରାଷ୍ଟ୍ର ମାନେ ତଳି ତଳାନ୍ତ ହୋଇ ଯାଇଥିବା କଥା ଇତିହାସ କହେ, ତେଲିଆ ମୁଣ୍ଡରେ ଖାଲି ତେଲ ଦେଇ ଚାଲିଥିବା ବ୍ୟବସ୍ଥା ସହିତ ନୁଖୁରା ମୁଣ୍ଡକୁ ଟିକେ ଦୃଷ୍ଟି ଦେବା ଦରକାର । ଏପରି ହେଲେ ଦେଶର ପ୍ରଗତି ନିଶ୍ଚିତ ହେବ ।

ଧୀରେ ଧୀରେ ବେକାର ଥିବା ଯୁବ ପିଢ଼ି ମାନଙ୍କ ମଧ୍ୟରେ ବିତୃଷ୍ଣା ଭାବ ବଢୁଛି, କିଏ ନିଜ ଜୀବନକୁ ଆତ୍ମହତ୍ୟା ଦ୍ୱାରା ନିଃଶେଷ କରିଦେବା ତ' କିଏ ଅବାଟରେ ଯାଇ ଅପରାଧୀ ପାଲଟି ଯିବ ବା ଶେଷରେ ଦେଶ ପାଇଁ ଏକ ବୋଝ ହୋଇ ଯିବ । ତେଣୁ ସରକାରୀ ସ୍ତରରେ ବଣ୍ଟା ଯାଉଥିବା ମାଗଣା ଜିନିଷକୁ ବନ୍ଦ କରି କର୍ମ ଯୋଗାଣ ପାଇଁ ଚେଷ୍ଟିତ ହେବା ବୁଦ୍ଧିମାନର କାର୍ଯ୍ୟ ହେବ । ଆମ ଦେଶରେ ଶିକ୍ଷା ନୀତି ଏକ ଗୋଲକ ଧନ୍ଦା ସଦୃଶ, ପୁଞ୍ଜିପତି ମାନଙ୍କୁ ଅନୁମତି ଦେଇ ଦେଶ ସାରା ହଜାର ହଜାର ଇଞ୍ଜିନିଅରିଂ, ଡାକ୍ତରୀ, ଆବାସିକ କଲେଜ ଖୋଲି ଦେଇଛନ୍ତି, କଲେଜ ଗୁଡିକ ନିରୀହ ଛାତ୍ର ମାନଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି, ବ୍ୟାଙ୍କ ଋଣ କରାଇ କଲେଜରେ ଆଡ଼ମିସନ୍ କରାଇ ଦେଉଛନ୍ତି, ପାଠ ପଢାଇବା ପାଇଁ କଲେଜରେ ଉପଯୁକ୍ତ ଶିକ୍ଷକ ନ'ଥିବାରୁ ପିଲାମାନେ ସିଲାବସ ଅନୁଯାଇ ପାଠ ପଢି ପାରୁ ନାହାନ୍ତି, ତେଣୁ ଯେନ ତେନ ପ୍ରକାରେ ପାସ କରି କୌଣସି ଚାକିରୀ ପାଇଁ ଯୋଗ୍ୟ ବିବେଚିତ ପାରୁନାହାନ୍ତି । ଏଠାରେ ପରୋକ୍ଷରେ ଶୋଷଣର ଶିକାର ହୋଇଥିବା ଛାତ୍ରଟି କରିବ କଣ? ପେଟ ପୋଷିବା ପାଇଁ କର୍ମ ସଂସ୍ଥାନ ନାହିଁ ତା' ପରେ ବ୍ୟାଙ୍କର ଋଣ ଭାର ବଢି ବଢି ଚାଲିଛି, ତେବେ ଆପଣମାନେ ବିଚାର କରନ୍ତୁ ସେ ନିଜର ଜୀବୀକା, ଜୀବନ ପାଇଁ କେଉଁ ପଦକ୍ଷେପ ଗ୍ରହଣ କରିବ? ଚୋରି, ଡକାୟତି କରିବ ନା' ଏକା ସରକାରୀ କଳ ସହିତ ଲଢ଼ିବ? ଏଠାରେ କଲେଜ ଗୁଡ଼ିକ ପାଉଣା ନେଇ ତା'ର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ନ'କରି ମଧ୍ୟ ସରକାରଙ୍କ ସୁନା ପୁଅ ହୋଇ ପାରୁଛନ୍ତି ଆଉ ଛାତ୍ରଟି ଖଣ୍ଡେ ସାର୍ଟିଫିକେଟ କାଗଜକୁ ଲାମିନେସନ୍ କରି 'ବାର ଦୁଆର ଶୁଣ୍ଢୀ ପିଣ୍ଡା' ହେବା ପରି ଦୟନୀୟ ଅବସ୍ଥାରେ କାଳାତି ପାତ କରୁଛି ।

ଏଠାରେ କେବଳ ଯାନ୍ତ୍ରିକ ବିଦ୍ୟାଳୟର ଛାତ୍ରଙ୍କ କଥା କୁହାଯାଇ ନାହିଁ ସବୁ ବର୍ଗର ଯୁବ ପିଢ଼ି ମାନଙ୍କର ରୋଜଗାର/ଚାକିରି ବିଷୟରେ ଆଜି ସାରା ଦେଶ ଚିନ୍ତିତ । ପୃଥିବୀର ପ୍ରାୟ ୯୫ ପ୍ରତିଶତ ଦେଶ ଆଜି ଏହି ପ୍ରକାର ଉତ୍କଟ ବେକାରୀ ସମସ୍ୟାକୁ ନେଇ ଅତିମାତ୍ରାରେ ଚିନ୍ତିତ । ଦକ୍ଷିଣ ଆଫ୍ରିକା ଦେଶରେ ସବୁଠାରୁ ବେଶୀ ୩୩.୬ ପ୍ରତିଶତ ବେକାର କାର୍ଯ୍ୟ ପାଇଁ ସଂଗ୍ରାମରତ, ସେହିପରି ଅତି ଉନ୍ନତ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ବେକାରୀ ସମସ୍ୟାକୁ ନେଇ ଚିନ୍ତିତ । ଆଧୁନିକ କଳ କାରଖାନାରେ ଅତ୍ୟଧିକ ଉତ୍ପାଦନ କ୍ଷମ ବୈଜ୍ଞାନିକ ଯନ୍ତ୍ରପାତି, ରୋବଟ, କମ୍ପୁଟର, ସ୍ୱୟଂ ଚଳିତ ମେସିନ ଗୁଡିକର ବ୍ୟବହାର ହେବାଦ୍ୱାରା ମାନବ ସମ୍ବଳର ଆବଶ୍ୟକତା କମି କମି ଯାଉଛି, ଯେଉଁ କାରଖାନାରେ ୫୦୦ ଲୋକ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିଲେ ସେଠାରେ ନୂତନ ଯନ୍ତ୍ରପାତି ଲାଗିବା ଦ୍ୱାରା ୫୦ ଜଣଙ୍କ ଦ୍ୱାରା ସେହି କାର୍ଯ୍ୟ ଠାରୁ ଅଧିକ କାର୍ଯ୍ୟ ସମ୍ପାଦନ ହୋଇ ପାରୁଛି । ଉତ୍ପାଦନ ସିନା ହୁ' ହୁ' ହୋଇ ବଢୁଛି ତାହା ସହିତ ତାଳଦେଇ ବେକାରୀ ମଧ୍ୟ ବଢି ଚାଲିଛି । ଏହି ପରିସ୍ଥିତିରେ କାହାକୁ ଗ୍ରହଣ କରିବେ? ଆଉ କାହାକୁ ଏଡାଇ ଦେବେ? ତାହା ସରକାରଙ୍କ ନିର୍ଣ୍ଣୟରେ ସମ୍ପାଦନ ହେବା ଉଚିତ । ଏଠାରେ ଶିଳ୍ପ ବଢୁଛି ଏବଂ ବେକାରୀ ବଢୁଛି, ମହାତ୍ମା ଗାନ୍ଧୀ କହୁଥିଲେ 'ବିଦେଶୀ ହଟାଓ ସ୍ୱଦେଶୀକୁ ଅପନାଅ', କୁଟୀର ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ବର୍ତ୍ତମାନ ଆମେ ବିଦେଶୀ ଶିଳ୍ପପତି ମାନଙ୍କୁ ଖୋସାମଦ୍ କରି ଡାକି ଡାକି ଦେଶରେ ପୁରାଉଛୁ, ଆସ ଭାଇ, ଆମ ଦେଶରେ ଶିଳ୍ପ ପ୍ରତିଷ୍ଠା କର ଏବଂ ଆଉ ଯାହା ଅଛି ଲୁଟି ନିଅ । ବିଦେଶୀ ଶିଳ୍ପପତି ଆସି କ'ଣ ତୁମକୁ ବଡ଼ ଲୋକ କରିଦେବେ? ଚାକିରି ଦେବେ? ନା' ନିଜ ଦେଶକୁ ଧନ ବୋହି ନେବେ? ଭାଇ! ଆମ ପିଲା ଅନେକ ଜ୍ଞାନୀ, ଗୁଣି ଆଉ ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକ ତେଣୁ ସେହି ମାନଙ୍କୁ ନିୟୋଜିତ କରି ଶିଳ୍ପ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବା ବଦଳରେ ବିଦେଶୀଙ୍କୁ ଡାକି ତା'ଙ୍କ ପାଦତଳେ ଆମ ପିଲାଙ୍କୁ ଶ୍ରମିକ କରି ରଖିବାରେ ଦେଶର ସମ୍ମାନ ହାନି ହେବ କି ନାହିଁ? ଆମେ ସ୍ୱାବଲମ୍ବୀ ହେବାକୁ ଚାହୁଁ, ସରକାରୀ ତଥା ବେସରକାରୀ କର୍ମଚାରୀଙ୍କ ଅବସର ନେବାର ବୟସ ସୀମା ପୂର୍ବବତ୍ ୫୫/୫୮ ବର୍ଷ ରଖାଯାଉ ଫଳରେ ଅନେକ ନୂତନ ଆଶାୟୀ ଚାକିରି ପାଇ ପାରିବେ ତଥା ସରକାରଙ୍କର ମଧ୍ୟ ଦରମା ଦେବାରେ ନିଶ୍ଚିତ ଖର୍ଚ୍ଚ କମ ହେବ । ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ପେନ୍ସନ୍ ଦେବାର ଉଦ୍ଦେଶ୍ୟ ହେଉଛି ଯେ, ସେ ତା'ଙ୍କ ଜୀବନ କାଳ ପର୍ଯ୍ୟନ୍ତ ସେହି ଆର୍ଥିକ ସହାୟତାରେ କାଳାତିପାତ କରିବେ, ମୃତ୍ୟୁ ପରେ ତା'ଙ୍କ ସ୍ୱାମୀ /ସ୍ତ୍ରୀ ମଧ୍ୟ ପାଇବାକୁ ହକଦାର । ମାନବିକତା ଦୃଷ୍ଟିକୋଣରୁ ବୃଦ୍ଧାବସ୍ଥାରେ ବଞ୍ଚିବାର ମାଧ୍ୟମ ପେନ୍ସନ ।

ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ମାସ ସାରା କାର୍ଯ୍ୟ କରି ଆଠ ଦଶ ହଜାର ଟଙ୍କା ମଧ୍ୟ ପାଉ ନାହାନ୍ତି । ତାହା ମଧ୍ୟ ଖୁବ୍ ଚତୁରତା ସହିତ କରାଯାଏ, ଚୁକ୍ତି ଭିତ୍ତିକ ଚାକିରି ସରକାରୀ ନିୟମ ଅନୁଯାୟୀ, ଯଦି ଛଅ ବର୍ଷ ବ୍ୟକ୍ତିଟି ଚାକିରି କରିଥାଏ ତେବେ ନିୟମ ଅନୁସାରେ ସେ ସେହି କାର୍ଯ୍ୟାଳୟରେ ସ୍ଥାୟୀ ନିଯୁକ୍ତି ପାଇବ ଏବଂ ନିୟମ ଅନୁଯାୟୀ ବେତନ ତଥା ଅନ୍ୟ ସୁବିଧା ମଧ୍ୟ ପାଇବ । ଚତୁର ବୁଦ୍ଧି ସମ୍ପନ୍ନ ଅଧିକାରୀ କିନ୍ତୁ ସିଧା ସଳଖ ଠିକା ନିଯୁକ୍ତି ନ' ଦେଇ ତୃତୀୟ ପକ୍ଷ ଦ୍ୱାରା ନିଯୁକ୍ତି ଦେଉଛନ୍ତି, ଯାହା ଫଳରେ ଦିନ ରାତି ଗୋଟି ଶ୍ରମିକ ପରି କାର୍ଯ୍ୟ କରି ନିର୍ଯାତିତ ହୋଇ ନିଜ ହକ୍ ପାଇଁ ମଧ୍ୟ ଲଢେଇ କରିବାର ବାଟ ବନ୍ଦ୍ ହୋଇ ଯାଉଛି । ନ୍ୟାୟାଳୟ ମଧ୍ୟ ଏହି ପ୍ରକ୍ରିୟାକୁ ହୃଦୟଙ୍ଗମ କରି ନାହାନ୍ତି । ଅନେକ ସରକାରୀ ଅନୁଷ୍ଠାନ ତଥା ଅଦାଲତରେ ମଧ୍ୟ ଏହିପରି ଅନେକ ପ୍ରାର୍ଥୀ କେବେ ସ୍ଥାୟୀ ନିଯୁକ୍ତି ପାଇବେ ସେହି ଆଶାରେ ନିଜର ରକ୍ତକୁ ପାଣି କରି ଖଟି ଚାଲିଛନ୍ତି । 'ଅନ୍ଧ ରାଜ୍ୟରେ ଦର୍ପଣ ବିକ୍ରି' ସଦୃଶ କାର୍ଯ୍ୟ ପରି ସୁଶାସନ ଆଜି ବ୍ରିଟିଶ ଶାସନକୁ ମଧ୍ୟ ବଳି ଯାଇଛି । ଦୁନିଆରେ ଯୁବ ସମାଜକୁ ଅଣଦେଖା କରିବା ଦେଶକୁ ବିପଦ ମୁହଁକୁ ଠେଲି ଦେବା । ଯୁବକ ଯୁବତୀଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ଟିକେ ଦୃଷ୍ଟି ଦେବାକୁ ପଡିବ । ଏବେବି ସମୟ ଅଛି ଯୁବ ପିଢିଙ୍କ ପାଇଁ ଅନ୍ତରରୁ ଟିକେ ଭାବନ୍ତୁ, ତୃତୀୟ ପକ୍ଷ ଦ୍ୱାରା ଚୁକ୍ତି ଭିତ୍ତିକ ଯୁବକ ଯୁବତୀଙ୍କୁ ସ୍ଥାୟୀ କରାନ୍ତୁ, ତଥା ଦେଶର ସ୍ୱାର୍ଥ ପାଇଁ ନୂତନ ନିଯୁକ୍ତି ସୃଷ୍ଟି କରନ୍ତୁ ଏହାହିଁ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରାର୍ଥନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ବିଶ୍ୱାସ ହେଉନଥିବା...

ଚଳିତ ବର୍ଷଠାରୁ ପାଠପଢା ଆରମ୍ଭ ହେବ ।

ମାଲକାନଗିରି ଠାରେ ବିମାନସେବାର ଶୁଭ ଉଦଘାଟନ ଅବସରରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ, ମାଲକାନଗିରି ଜିଲ୍ଲାକୁ ବହୁତ ଭଲ ପାଆନ୍ତି ମୁଖ୍ୟମନ୍ତ୍ରୀ । ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଗତ ମାର୍ଚ୍ଚ ମାସରେ ସେ ମାଲକାନଗିରି ଗସ୍ତ କରିଥିବା ବେଳେ ଲୋକଙ୍କ ଠାରୁ ୮୫୦ଟି ଦରଖାସ୍ତ ଗ୍ରହଣ କରିଥିଲେ । ଏହାମଧ୍ୟରୁ ଇତିମଧ୍ୟରେ ୮୨୦ ଦରଖାସ୍ତ ଉପରେ ପଦକ୍ଷେପ ନିଆଯାଇଛି ଓ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି । ସେସବୁ କାମ ଚାଲିଛି । ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟିସେଣ୍ଟର ପାଇଁ ୧୬କୋଟି ଟଙ୍କା ଅନୁମୋଦନ କରାଯାଇଛି । ସପ୍ତଧାରା ଜଳସେଚନ ପ୍ରକଳ୍ପ ପାଇଁ ଦୀର୍ଘ ଦିନ ହେଲା ଦାବି ହେଉଥିଲା । ପ୍ରକଳ୍ପ ପାଇଁ ୪ହଜାର ୫କୋଟି ଟଙ୍କା ମଞ୍ଜୁର ହୋଇଛି । ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ଖୁବ୍ ଶୀଘ୍ର ଆରମ୍ଭ ହେବ କାମ ।

ମାଛକୁଣ୍ଡ ନଦୀ ଉପରେ ଦେଶୀଗୁଡ଼ା ଯନ୍ତ୍ରୀ ରାସ୍ତାରେ ସେତୁ ପାଇଁ ୪୦ କୋଟି, କୁମୁଟପୁଡା ନଦୀ ଉପରେ ଦାନାବେଡା ରାସ୍ତାରେ ସେତୁ ପାଇଁ ୨୭କୋଟି, କାଳିଆଘର ନାଳ ଉପରେ ଯନ୍ତ୍ରୀ ରାସ୍ତାରେ ସେତୁ ପାଇଁ ୨୦କୋଟି ଟଙ୍କା ମଞ୍ଜୁର ହୋଇଛି । ମାଲକାନଗିରି ଜିଲ୍ଲା ପାଇଁ ମୋଟ୍ ୪ହଜାର ୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ । ଜିଲ୍ଲାରେ ଆହୁରି ଅଧିକ ଲକ୍ଷ୍ମୀ ବସ୍ ଚଲାଇବା ପାଇଁ ହେଉଥିବା ଦାବି ଖୁବ୍ ଶୀଘ୍ର ପୂରଣ ହେବ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ମାଲକାନଗିରି ପରେ ନବରଙ୍ଗପୁର ରାଇଘରରେ ଶ୍ରୀ ପାଣ୍ଡିଆନ ବିକାଶ କାର୍ଯ୍ୟର ସମୀକ୍ଷା କରିବା ସହ ସାଧାରଣସଭାରେ ଉଦବୋଧନ ଦେଇଥିଲେ । ଗତ ମାର୍ଚ୍ଚ ମାସରେ ନବରଙ୍ଗପୁରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିର ପାଳନ ସମ୍ପର୍କରେ ଅବଗତ କରିଛନ୍ତି ୫-ଟି ଅଧ୍ୟକ୍ଷ । ୯ମାସ ଭିତରେ ନବରଙ୍ଗପୁର ଜିଲ୍ଲା ପାଇଁ ୪୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଉମରକୋଟ ନିର୍ବାଚନମଣ୍ଡଳୀ ପାଇଁ ୨ଶହ କୋଟି ' ମଞ୍ଜୁର ହୋଇଛି। ଜିଲ୍ଲା ପାଇଁ ମିଳିଥିବା ଏହି ୪୫୦ କୋଟି ଭିତରେ ଜଳସେଚନ ପାଇଁ ମିଳିଥିବା ଅନୁଦାନ ରାଶିକୁ ଯୋଡାଯାଇନାହିଁ । ତେନ୍ତୁଳିଖୁଣ୍ଟି, କୋଷାଗୁମୁଡ଼ା, ଝରିଗାଁ ଓ ରାଇଘରରେ ଡିଗ୍ରୀ କଲେଜକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । କଲେଜ ଗୁଡ଼ିକରେ ଚଳିତବର୍ଷରୁ ନାମଲେଖା ହେବ । ସେହିଭଳି ଉମରକୋଟରେ ଡାଏଲିସିସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି । ଗୋଣ୍ଡ ସମାଜର ଭବନ ନିର୍ମାଣ ପାଇଁ ୫୦ଲକ୍ଷ ଟଙ୍କା, ବଙ୍ଗାଳି ସମାଜର କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୧ କୋଟି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ପୋଡ଼ାଗଡ଼ରେ ଥିବା ଶିବ ମନ୍ଦିର ଓ ଅଞ୍ଚଳର ଉନ୍ନତି ପାଇଁ ୨କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଉମରକୋଟ-ରାଇଘର ରାସ୍ତା ନିର୍ମାଣ ପାଇଁ ୫୦କୋଟି ଟଙ୍କା ମଞ୍ଜୁର ହୋଇଥିବା ପ୍ରକାଶ କରିବା ସହ ଅନ୍ୟାନ୍ୟ ରାସ୍ତାର ଉନ୍ନତିକଣ ପାଇଁ ଅନୁଦାନ ରାଶି ସମ୍ପର୍କରେ ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ । ପେଣ୍ଡାଣୀ ହାୟର ସେକେଣ୍ଡାରୀ ସ୍କୁଲ ଏବଂ ଡିଗ୍ରୀ କଲେଜ ପାଇଁ ୨ କୋଟି ଟଙ୍କା ମଞ୍ଜୁର ହୋଇ କାମ ସରିଲାଣି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ଭାସ୍କଲ ଡ୍ୟାମ ପାଇଁ ୬କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ ସୂଚନା ଦେଇଛନ୍ତି । ମା ପେଣ୍ଡାଣୀ ମନ୍ଦିରର ଉନ୍ନତି ପାଇଁ ୩୦ ଲକ୍ଷ ଟଙ୍କା, ରାଇଘର ପଞ୍ଚାୟତ ସମିତି ହାୟର ସେକାଣ୍ଡାରୀ ସ୍କୁଲର ଉନ୍ନତିକରଣ ପାଇଁ ୫୦ଲକ୍ଷ, ରାଇଘରରୁ ଅଞ୍ଚଳ ରାସ୍ତା ପାଇଁ ୪୫କୋଟି ଟଙ୍କା ମଂଜୁର କରାଯାଇଛି । ଭାତବେଡାରୁ –ଛତିଶଗଡ ସୀମା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ପାଖାପାଖି ୧୪ କୋଟି ଟଙ୍କା ମଞ୍ଜୁର ହୋଇଛି ।

ଲୋକମାନେ ଦେଇଥିବା ଦରଖାସ୍ତର ବିଚାର କରାଯାଇ ଆସନ୍ତା ୧୦ ଦିନରେ ଖୁସି ଖବର ଦିଆଯିବ ବୋଲି ୫-ଟି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ମନ୍ଦିର, ମସଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ଉନ୍ନତି ପାଇଁ ଲୋକମାନଙ୍କୁ ଖୁସି ଖବର ମିଳିବ । ଶ୍ରୀ ପାଣ୍ଡିଆନ କହିଥିଲେ, ବିଏସକେୱାଇ -ନବୀନ କାର୍ଡ ପାଇଁ ପଞ୍ଜୀକରଣ ଚାଲିଛି । ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିବ । ବିଏସକେୱାଇ କାର୍ଡ ପାଇନଥିବା ସମସ୍ତେ ଏଥିପାଇଁ ଆବେଦନ କରିପାରିବେ । ସହରାଞ୍ଚଳ ଲୋକ, ସରକାରୀ କର୍ମଚାରୀ ପରେ ଯୋଜନାର ଲାଭ ପାଇବେ । ଅନ୍ୟପଟେ ଆସନ୍ତା ୨ ମାସ ଭିତରେ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିବ । ମକା ଚାଷୀଙ୍କୁ ସହଯୋଗ କରିବାକୁ ମକା ମିଶନ ଆରମ୍ଭ କରିଛନ୍ତି । ଭତ୍ତା ରାଶି ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଖୁବଶୀଘ୍ର ଖୁସି ଖବର ଦେବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ । ଗତଥର ନାରାୟଣପାଟଣା ଆସିଥିବା ବେଳେ ସେ ୧୫ଟି ଦରଖାସ୍ତ ପାଇଥିଲେ । ୧୦ ମାସ ଭିତରେ ସେଥିରୁ ୧୨ଟି ଉପରେ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଏଥିସହ ନାରାୟଣପାଟଣା ଓ ବନ୍ଧୁଗାଁରେ ସରକାରୀ ଡିଗ୍ରୀ କଲେଜ ଖୋଲିବା ପାଇଁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଚଳିତବର୍ଷଠୁ ହିଁ ସେଠାରେ ଆଡମିଶନ ହେବା ସହ ପାଠପଢା ହେବ । ଝଞ୍ଜାବତୀ ବ୍ୟାରେଜ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଶହେ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ନାରାୟଣପାଟଣାରେ ଥିବା ଜଗନ୍ନାଥ ମନ୍ଦିରର ରୂପାନ୍ତରଣ ପାଇଁ ୪କୋଟି ଟଙ୍କା, ବନ୍ଧୁଗାଁରେ ଥିବା ଅଗ୍ନିଗଙ୍ଗା ମାଁ ମନ୍ଦିର ପାଇଁ ୨ କୋଟି ଟଙ୍କା, ଲକ୍ଷ୍ମୀପୁର କଲେଜର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

ଆରକେ ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ଡିଗ୍ରୀ କଲେଜର ୫-ଟି ରୂପାନ୍ତରଣ ପାଇଁ ଏକ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି । ନାରାୟଣପାଟଣାରେ ଥିବା ରାଧାକ୍ରିଷ୍ଣ ଉଚ୍ଚ ମାଧ୍ୟମିକ ସ୍କୁଲର ରୂପାନ୍ତରଣ ପାଇଁ ୫୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥସହ କୋରାପୁଟ ଜିଲ୍ଲାର ୩୦୦ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି । କେବଳ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପାଇଁ ୧୩୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ କହିଛନ୍ତି ଯେ, ନିକଟରେ ଜୟପୁର ଗସ୍ତରେ ଆସିଥିବା ବେଳେ ଆଉ କିଛି ଆବେଦନ ମିଳିଥିଲା । ସେ ମଧ୍ୟରୁ ୩୦୦ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । କେବଳ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ପାଇଁ ୧୩୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ । ଗୁପ୍ତେଶ୍ୱର ମନ୍ଦିର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ୨୦ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ କୋଲାବ ନଦୀ ଉପରେ ସେତୁ ପାଇଁ ୧୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ସେ କହିଛନ୍ତି ।

କଂସାରୀଗୁଡା ଆଲୁମିନିୟମ ପ୍ରୋଜେକ୍ଟକୁ ମୁଖ୍ୟମନ୍ତ୍ରୀ ନିକଟରେ ଶୁଭ ଉଦଘାଟନ କରିଛନ୍ତି । ଗତ ୧୦ ମାସ ଭିତରେ ମୁଖ୍ୟମନ୍ତ୍ରୀ କେବଳ କୋରାପୁଟ ଜିଲ୍ଲାକୁ ୪୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିସହ ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଆସିଥିବା ନିବେଦନ ଗୁଡିକ ପାଇଁ ଆସନ୍ତା ୧୯ ତାରିଖ ମଧ୍ୟରେ ଖୁସି ଖବର ପାଇବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

## ସବୁ ଛକ ହେବ...

ଦେଖାଯାଉଛି, ତାର ସାମାଧାନ ଦିଗରେ କି ପଦକ୍ଷେପ ନିଆଯାଇପାରିବ, ସେ ବିଷୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ଏସବୁ ବାଦ ଟ୍ରାଫିକ ବ୍ୟବସ୍ଥାରେ କେଉଁ ସବୁ ନୂଆନୂଆ ପଦକ୍ଷେପ ନିଆଗଲେ ପୂରା ଟ୍ରାଫିକ ବ୍ୟବସ୍ଥାରେ ସଂସ୍କାର ଆସିପାରିବ, ସେନେଇ ସେକ୍ଟର ଅଧିକାରୀମାନେ ପ୍ରସ୍ତାବ ଦେବେ। ଏଥିସହ କାଗଜପତ୍ର ଅନୁଯାୟୀ ରାସ୍ତାର ଚଉଡ଼ା ରହିଛି କି ନାହିଁ ତାକୁ ମଧ୍ୟ ସେମାନେ ଅନୁଧ୍ୟାନ କରିବେ। ସେହିଭଳି ରାସ୍ତାରେ ବେଆଇନ ଜବରଦଖଲ ହଟାଇବା ଓ ଏନ୍‌ଫୋର୍ସମେଣ୍ଟକୁ ଜୋରଦାର କରିବାକୁ ସମ୍ପୃକ୍ତ ସେକ୍ଟର ଅଧିକାରୀଙ୍କୁ ଦାୟିତ ଦିଆଯାଇଛି।

## ଭାରତରେ ପ୍ରତିବର୍ଷ ...

ମୋଟାପଣ ଏବଂ ବ୍ୟାୟାମର ଅଭାବ ଜନସାଧାରଣ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ମଧ୍ୟରେ ସଚେତନତା,କର୍କଟ ରୋଗର ପ୍ରାଥମିକ ଅବସ୍ଥାରେ ନିରାକରଣ ଏବଂ ଚିହ୍ନଟ କରିବାରେ ବହୁ ଅବଦାନ ଦେଇପାରେ।

## ଅଙ୍ଗନୱାଡ଼ି ଓ...

ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଛନ୍ତି, ଆଗକୁ ଆଶାଦିଦି ଓ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବଢିବ। କମ୍ୟୁନିଟି ସେଣ୍ଟର କର୍ମଚାରୀମାନଙ୍କର ମଧ୍ୟ ଦରମା ବୃଦ୍ଧି ହେବ। ଏମ୍‌କେ ଓ ସିଆଁରପିଙ୍କ ଦରମା ବୃଦ୍ଧି ପାଇଁ ଯୋଜନା ଚାଲିଛି । ମଧୁବାବୁ ପେନସନ ମଧ୍ୟ ବୃଦ୍ଧି ହେବ ସେହିଭଳି ପାଚିକାମାନଙ୍କର ଦରମା ବଢାଇବା ପାଇଁ ସରକାର ଚିନ୍ତା କରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବ ଶୀଘ୍ର ଦରମା ବୃଦ୍ଧି କରିବେ।

ସୂଚନାଯୋଗ୍ୟ, ନବରଂଗପୁର ଜିଲ୍ଲା ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରାଇଘର ରାଇଘରରେ ଧନ୍ୟବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ନିର୍ବାଚନ ମଣ୍ଡଳୀର ପ୍ରାୟ ୧୦ ହଜାର ଲୋକଙ୍କର ସମାଗମ ହୋଇଥିଲା ଶ୍ରୀ ପାଣ୍ଡିଆନଙ୍କ ଗୁରୁତ୍ୱପୂର୍ଣ୍ଣ ଘୋଷଣା ପରେ ଆଶା, ଅଙ୍ଗନବାଡ଼ି, ପାଚିକାମାନେ ଉତ୍ସାହିତ ହୋଇଥିବା ଦେଖାଯାଇଛି।

## ବିଧାୟକ ଓ ...

ବଲାଙ୍ଗୀରରେ ୨୬ଟି, କଟକରେ ୩୬ଟି, କଳାହାଣ୍ଡିରେ ଗୋଟିଏ, କୋରାପୁଟରେ ୪୮ଟି, ମୟୂରଭଞ୍ଜରେ ୨୪ଟି, ସୋନପୁରରେ ଗୋଟିଏ, ସୁନ୍ଦରଗଡ଼ରେ ୪୧ଟି ମାମଲା ସାଂସଦ/ବିଧାୟକଙ୍କ ବିରୋଧରେ ବିଚାରାଧୀନ ରହିଛି। ଅନ୍ୟପକ୍ଷରେ ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ଫୁଲବାଣୀ, ପୁରୀ, ରାୟଗଡ଼ା ଜିଲ୍ଲାରେ ଥିବା ଅଦାଲତରେ ସାଂସଦ/ବିଧାୟକଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନାହିଁ ବୋଲି ଉପଲବ୍ଧ ତଥ୍ୟରୁ ସ୍ପଷ୍ଟ ହୋଇଛି।

## ଚକ୍ରବ୍ୟୁହରେ ...

କୁହାଯାଇଛି, ଆମେ ମଧ୍ୟ ମାଳଦ୍ୱୀପ ଏବଂ ଭାରତ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ତଥା ସହଯୋଗୀ ସମ୍ପର୍କକୁ ସମ୍ମାନ ଦେଉଛୁ। ନୂଆଦିଲ୍ଲୀ ସହିତ ଭଲ ସମ୍ପର୍କ ବଜାୟ ରଖିବା ପାଇଁ ମାଳଦ୍ୱୀପ ଗୁରୁତ୍ୱ ଦେବା ଉଚିତ । ବେଜିଂ କେବେ ମଧ୍ୟ ମାଳଦ୍ୱୀପକୁ ନୂଆଦିଲ୍ଲୀ ସହ ସମ୍ପର୍କ ଖରାପ କରିବାକୁ କହିନାହିଁ। ଉଲ୍ଲେଖ ଥାଉ କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷଦ୍ୱୀପ ଗସ୍ତକୁ ନେଇ ମାଳଦ୍ୱୀପର ଜଣେ ସାଂସଦ ଓ ତିନିଜଣ ମନ୍ତ୍ରୀଙ୍କ ବିବାଦୀୟ ସୋସିଆଲ ମିଡିଆ ପୋଷ୍ଟ ପରେ ବିବାଦ ତେଜିଥିଲା।

## ଲାକ୍ଷାଦ୍ୱୀପରେ...

ସକ୍ଷମ ହେବ।

ସରକାରଙ୍କ ସହ ଜଡିତ ସୂତ୍ରରୁ ପ୍ରକାଶ ଯେ ସିଭିଲ ବିମାନ ସହିତ ସାମରିକ ପରିବହନ ବିମାନ ଏବଂ ଯୁଦ୍ଧ ବିମାନ ମଧ୍ୟ ନୂତନ ବିମାନବନ୍ଦରରେ କାର୍ଯ୍ୟ କରିପାରିବ। ମିନିକଏ ଦ୍ୱୀପରେ ଏକ ନୂତନ ବିମାନବନ୍ଦର ନିର୍ମାଣ ପାଇଁ ସରକାର ପୂର୍ବରୁ ମଧ୍ୟ ପ୍ରସ୍ତାବ ଦେଇଥିଲେ, କିନ୍ତୁ ବର୍ତ୍ତମାନ ଏହି ପ୍ରସ୍ତାବକୁ ପରିବର୍ତ୍ତନ କରିବା ସହ ଏହାକୁ ମିଳିତ ବିମାନ କ୍ଷେତ୍ର ଭାବରେ ବିକଶିତ କରିବା ପାଇଁ ପ୍ରସ୍ତୁତି ଚାଲିଛି । ସାମରିକ ଦୃଷ୍ଟିକୋଣରୁ, ନୂତନ ବିମାନବନ୍ଦର ନିର୍ମାଣ ଭାରତକୁ ଆରବ ସାଗର ଏବଂ ଭାରତ ମହାସାଗର ଉପରେ ନଜର ରଖିବାରେ ରଣନୀତିଗତ ଭାବେ ସାହାଯ୍ୟ କରିବ। ଭାରତୀୟ ତଟରକ୍ଷୀ ବାହିନୀ ପୂର୍ବରୁ ମିନିକଏ ଦ୍ୱୀପରେ ଏୟାରଷ୍ଟ୍ରିପ ନିର୍ମାଣ କରିବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲା, କିନ୍ତୁ ବର୍ତ୍ତମାନର ପ୍ରସ୍ତାବରେ ଭାରତୀୟ ବାୟୁସେନାକୁ ଏହାକୁ ଏକ ପ୍ରମୁଖ ସ୍ଥାନ ଭାବେ ନେବା ସହ ଭାରତୀୟ ବାୟୁସେନା ଏହି ବିମାନବନ୍ଦରର ସଞ୍ଚାଳନ କରିବ।

## ଚିନ୍ତା ବଢାଇଲେଣି ...

ମନାଇ କି ପ୍ରଭାବ ପକାଇ (ଯେକୌଣସି ଉପାୟରେ) ଦଳୀୟ ଟିକେଟ ଖଣ୍ଡିକ ହାତେଇବା ପାଇଁ ଜୋରସୋର ଉଦ୍ୟମ ଆରମ୍ଭ କରିଦେଲେଣି। ରାଜନୀତି ନିଶାରେ ଆଉ ଟିକେଟ ପାଇବା ଆଶାରେ ସେମାନେ ଦିନରାତି ଏକ କରିଦେଇ ଲାଗି ପଡ଼ିଛନ୍ତି। ଏମାନଙ୍କ ମଧ୍ୟରୁ କିଏ କିଏ ପୂଜାପାଠ ଓ ହୋମଯଜ୍ଞର ଆୟୋଜନ ଆଦି କଲେଣି। ସବୁଠାରୁ ବଡ଼କଥା ହେଲା- ସେମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନୂଆବର୍ଷ ଆରମ୍ଭରୁ ନିଜର 'ନାମ' ପ୍ରଚାର ଲାଗି ଯେଉଁ ଅଭିଯାନ ଚଳାଇଲେଣି, ଯଦି ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ସେହି ଟେମ୍ପୋ ବଜାୟ ରଖନ୍ତି, ତାହେଲେ ହୁଏତ ସେମାନଙ୍କ ଭିତରୁ କେତେଜଣ ଆଗାମୀ ଦିନରେ ଲକ୍ଷ୍ୟ ହାସଲରେ ସଫଳତା ପାଇପାରନ୍ତି। ଯଦି ଭାଗ୍ୟ ଉଦୟ ହୁଏ, ତାହେଲେ କେତେ ଜଣ ଟିକେଟ ବି ପାଇଯାଇ ପାରନ୍ତି ବୋଲି ଆକଳନ କରାଯାଉଛି। ଭାଗ୍ୟରେ ଥିଲେ ସବୁ ସମ୍ଭବ। କଥାରେ ଅଛି 'ଭାଗ୍ୟଂ ଫଳନ୍ତି ବୃକ୍ଷେ।' ଭାଗ୍ୟରେ ରାଜା ହେବାର ଥିଲେ କେହି ଅଟକାଇ ପାରିବେ ନାହିଁ। ଏହା ମଧ୍ୟ ଦେଖାଯାଇଛି ରାଜନୀତିରେ ପ୍ରବେଶ କଲା ପରେ ଅନେକଙ୍କର ଭାଗ୍ୟ ବଦଳି ଯାଇଛି। ଭାଗ୍ୟ ବଳରେ କେବଳ ଟିକେଟ ପାଇନାହାଁନ୍ତି, ବରଂ ଅନେକ ବିଧାୟକ, ସାଂସଦ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଛନ୍ତି। ତେବେ ଟିକେଟ ପାଇବା, ପ୍ରାର୍ଥୀ ହେବା, ନିର୍ବାଚନ ଲଢିବା ଆଉ ଜିତିବା, ଏସବୁ କଥା ଭାଗ୍ୟ ଉପରେ ହିଁ ନିର୍ଭର କରେ। ଅବଶ୍ୟ ଏଥିପାଇଁ କଠିନ ପରିଶ୍ରମ, ସାଧୁତା, ନିଷ୍ଠା, ଲୋକସମ୍ପର୍କ ଓ ସେବା ମନୋଭାବ ସମ୍ପୃକ୍ତ ନବାଗତ ଆଶାୟୀଙ୍କର ରହିଥିବା ନିହାତି ଦରକାର। ୨୦୨୪ ସାଧାରଣ ନିର୍ବାଚନରେ ଏସବୁ କଥା ଦେଖିବାକୁ ମିଳିବ। ଯାହାର ଭାଗ୍ୟ ଟାଣ ଥିବ ଓ ଜଳୁଥିବ, ସେ ହିଁ ଟିକେଟ ପାଇବ, ଜିତିବ ଓ ବିଧାୟକ ହେବ। ତେବେ କେଉଁ ଦଳରେ କିଏ ଟିକେଟ ପାଇବ କି ନ ପାଇବ, ସେକଥା ସମ୍ପୃକ୍ତ ଦଳର ସଭାପତି ହିଁ ନିର୍ଣ୍ଣୟ କରିବେ। ଅର୍ଥାତ୍ ଦଳର ସଭାପତି ଯାହାକୁ ବାଛିବେ, ସେ ହିଁ ଟିକେଟ ନେଇ ପ୍ରାର୍ଥୀ ହେବା ଥୟ। ଓଡ଼ିଶାରେ ଏବେ ଶାସକ ବିଜୁ ଜନତା ଦଳ (ବିଜେଡ଼ି) ଏକ ନମ୍ବର ଦଳ ଭାବେ ସର୍ବବିଦ୍ୟମାନ ରହିଛି। ସମ୍ପ୍ରତି ସାରା ଦେଶରେ ସବୁଠାରୁ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ମଧ୍ୟ ବିଜେଡ଼ି ଉଭା ହୋଇଛି। ଦଳର ସୁପ୍ରିମୋ ତଥା ଓଡ଼ିଶାର ୫ଥରର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ନିର୍ବାଚନରେ ମଧ୍ୟ ନେତୃତ୍ୱ ନେବାକୁ ଯାଉଛନ୍ତି। ତେଣୁ ଦଳରୁ ଏହି ନିର୍ବାଚନରେ କାହାକୁ ପ୍ରାର୍ଥୀ କରିବେ, ତାର ଚୂଡ଼ାନ୍ତ ନିଷ୍ପତ୍ତି ସେ ହିଁ ନେବେ, ଏହା ଅନିବାର୍ଯ୍ୟ। ନିର୍ବାଚନରେ ସେ କାହାକୁ ପ୍ରାର୍ଥୀ କରିବେ, ନକରିବେ ସେ କଥା ତାଙ୍କୁ ଭଲ ଭାବେ ଜଣା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ ଅତି ନିବିଡ଼ ଅନୁଗତ ଭାବେ ଦୀର୍ଘବର୍ଷ ଧରି ଦକ୍ଷତାର ସହ କାମ କରି ଆସୁଥିବା ଏବଂ ଓଡ଼ିଶା ବିକାଶ ଅଭିଯାନର ସାରଥୀ ପାଲଟିଥିବା ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ମଧ୍ୟ ୨୦୨୪ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ବାଛିବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ଜଣାପଡ଼ିଛି। ଏହାର ଏକମାତ୍ର କାରଣ ହେଲା ଶ୍ରୀ ପାଣ୍ଡିଆନ ଓଡ଼ିଶାର କୋଣ ଅନୁକୋଣର ଖବର ରଖିଛନ୍ତି ଏବଂ ସବୁ ଅଞ୍ଚଳର ଭଲ ମନ୍ଦ ତାଙ୍କୁ ଜଣା ଅଛି। ଯେହେତୁ ଗତ କିଛିବର୍ଷ ଧରି ସେ ଲଗାତର ଭାବେ ରାଜ୍ୟର ସବୁ ଜିଲ୍ଲା ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଯୋଜନା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପାଇଁ ଲାଗିପଡ଼ିଛନ୍ତି ଏବଂ କ୍ଷେତ୍ର ପରିଦର୍ଶନ କରି ସରଜମିନ୍ ଅନୁଧ୍ୟାନ ମଧ୍ୟ କରିଛନ୍ତି। କେଉଁ ବିଧାୟକଙ୍କ ପ୍ରଦର୍ଶନ ଭଲ ନାହିଁ ତାହା ତାଙ୍କୁ ଭଲ ଭାବେ ଜଣାଅଛି। ଏହି ଆଧାରରେ ଅନେକ ଟିକେଟ ପାଇବାରୁ ଏଥର ବଞ୍ଚିତ ହୋଇପାରନ୍ତି। ରାଜନୈତିକସ୍ତରରେ ଯେଉଁ ଆଲୋଚନା ହେଉଛି, ସେଥିରୁ ଜଣାପଡୁଛି ଏଥର (୨୦୨୪) ବିଜେଡ଼ି ୧୩୦ରୁ ଉର୍ଦ୍ଧ୍ୱ ଆସନ ହାସଲ କରିବାକୁ ଯାଉଛି। ତେବେ ଏହି ନିର୍ବାଚନରେ ନୂଆ ଯୁବଗୋଷ୍ଠୀ ଏବଂ ମହିଳାଙ୍କୁ ପ୍ରାଥମିକତା ମିଳିବ ବୋଲି ଚର୍ଚ୍ଚା ହେଉଛି। ବିଧାନସଭାର ୩୩ ପ୍ରତିଶତ ସିଟ୍‌ରେ ମହିଳା ପ୍ରତିନିଧିଙ୍କୁ ସୁଯୋଗ ମିଳିବାକୁ ଥିବାରୁ ଏବେ ନୂଆ ମୁହଁ ଖୋଜା ଚାଲିଛି। ପୁନର୍ବାର ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଷଷ୍ଠଥର ପାଇଁ ବିଜେଡ଼ି ସରକାର ଗଠନ କରିବା ଲକ୍ଷ୍ୟରେ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ସେହି ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନେତା ଓ କର୍ମୀମାନେ ସାଂଗଠନିକ ଶକ୍ତି ଜରିଆରେ ଆଗକୁ ବଢିବାରେ ଲାଗିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟ ବିରୋଧୀ ବିଜେପି ଓଡ଼ିଶାରେ ଏଥର ୫୧ ପ୍ରତିଶତ ଭୋଟ ପାଇବା ପାଇଁ ଲକ୍ଷ୍ୟ ରଖି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ମଧ୍ୟ ଦଳୀୟ ନେତାମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ଅସ୍ପଷ୍ଟ ରହିଛି। ସେହିପରି ଆଗାମୀ ନିର୍ବାଚନରେ କଂଗ୍ରେସ ମଧ୍ୟ ତା'ର ଆସନ ଗୁଡ଼ିକୁ ବଜାୟ ରଖିବା ସହ ଅଧିକ ଆସନ ଜିତିବା ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛି।

ମୋ : ୯୪୩୮୩୩୬୩୧୭

## ୭ବର୍ଷରେ ୧୦୫...

ବିକାଶ ଶିଖର ଛୁଇଁଛି। ବିଦ୍ୟୁତ୍, ପାନୀୟ, ଖାଦ୍ୟ ଭଳି ମୌଳିକ ସୁବିଧା ଘରେ ଘରେ ପହଞ୍ଚିଛି ଶିକ୍ଷା ଓ ସ୍ୱାସ୍ଥ୍ୟାବସ୍ଥାରେ ବି ବିରାଟ ପରିବର୍ତ୍ତନ ଆସିଛି।

ମିଳିଥିବା ସୂଚନାନୁଯାୟୀ, ଗତ ୭ ବର୍ଷରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ୧୫୩ ଥର ଗୁଳି ବିନିମୟ ହୋଇଛି । ଏଥିରେ ୧୦୫ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ନିହତଙ୍କ ମଧ୍ୟରେ କ୍ୟାଡର ମାଓନେତାଙ୍କ ସମେତ ମୁଣ୍ଡ ଉପରେ ପୁରସ୍କାର ରାଶି ଥିବା ମାଓବାଦୀ ରହିଛନ୍ତି। ନିହତ ମାଓବାଦୀଙ୍କ ମଧ୍ୟରେ ଅଧିକାଂଶ ମାଓବାଦୀ କନ୍ଧମାଳ, କଳାହାଣ୍ଡି ଓ ମାଲକାନଗିରି ଭଳି ଜିଲ୍ଲାରେ ସକ୍ରିୟ ରହି ବ୍ୟାପକ ଅସ୍ଥିରତା ସୃଷ୍ଟି କରି ଆସୁଥିଲେ। ତେବେ ମାଓ-ବିରୋଧୀ ଏହି ଅପରେସନ୍‌ରେ କେନ୍ଦ୍ରୀୟ ସୁରକ୍ଷା କର୍ମୀଙ୍କୁ ଓଡ଼ିଶା ପୁଲିସ ବଳ ଯୋଗାଇଛି।

# ବୋରୋଗାଁରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କାର୍ଯ୍ୟକ୍ରମ



**ଖଣ୍ଡପଡ଼ା,ନ୍ୟୁଜ୍‌ବ୍ୟୁରୋ**

ଖଣ୍ଡପଡ଼ା ନିକଟରେ ବୋରୋଗାଁ ଗ୍ରାମରେ ୧୦ମ ବାର୍ଷିକ ଶ୍ରୀଜଗନ୍ନାଥ ପଞ୍ଚରାତ୍ର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦୀର୍ଘ ୧୦ ବର୍ଷ ଧରି ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର କରି ଆସୁଥିବା ଖଣ୍ଡପଡ଼ା ନିକଟରେ ଅବସ୍ଥିତ ବୋରୋଗାଁରେ ଗ୍ରାମବାସୀମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଧି ଅନୁଯାୟୀ ପୂଜା କରି ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର କାର୍ଯ୍ୟକ୍ରମ ବୋରୋଗାଁ ଯାତ୍ରା ପଡିଆ ଠାରେ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ପରିଷଦର ସଭାପତି ସଞ୍ଜିତା ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ ସ୍କନ୍ଦ ପୁରାଣ ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ସମ୍ୟକ୍ ଭାବେ ସମସ୍ତଙ୍କୁ ଜଣାଇଥିଲେ। ପରିଷଦ ପକ୍ଷରୁ ସମ୍ପାଦକ ନାରାୟଣ ମହାପାତ୍ର ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ ଅଖିଳ କୁମାର ସାହୁ, ଅଚ୍ୟୁତ ପ୍ରସାଦ ବେହେରା, ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରବକ୍ତା ପଣ୍ଡିତ ଡ. ଗୁରୁପ୍ରସାଦ ମହାପାତ୍ର ଅତି ସୁନ୍ଦର ଓ ସରଳ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରବଚନ ଦେଇଥିଲେ। ବୋରୋଗାଁର ଗ୍ରାମବାସୀମାନେ ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ପରିଷଦ ପକ୍ଷରୁ ବିଗତ ୧୦ ବର୍ଷ ଧରି ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର କାର୍ଯ୍ୟକ୍ରମ ସଫଳତା ସହ କରି ଆସୁଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେକେ ଆନ୍ତଃ କମ୍ପାନୀ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ରାୟଗଡ଼ା,ନ୍ୟୁଜ୍‌ବ୍ୟୁରୋ**



ଗତ ଜାନୁଆରୀ ୪ ତାରିଖରୁ ଚାଲିଥିବା ଜେକେ ଆନ୍ତଃ କମ୍ପାନୀ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଶୁଭ ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ୍ ଜେକେପିଏମ୍ ରାୟଗଡ଼ା ଏବଂ ସିପିଏମ୍ ସୋନାଗଡ଼ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚ୍‌ରେ ଟସ୍ ଜିଣି ପ୍ରଥମେ ଜେକେପିଏମ୍ ଟିମ୍ ବ୍ୟାଟିଂ କରିଥିଲା। ଫାଇନାଲ ମ୍ୟାଚ୍‌ର ଏହି ଖେଳରେ ସିପିଏମ୍ ଟିମ୍ ଜେକେପିଏମ୍ ଟିମ୍‌କୁ ପରାସ୍ତ କରିଥିଲା।

ମୋଟ୍ ୧୨୭ ରନର ଲକ୍ଷ୍ୟ ରଖି ସିପିଏମ୍ ଟିମ୍ ଖେଳ ଜାରି ରଖିଥିଲା। ଏହି ମ୍ୟାଚ୍‌ରେ ସିପିଏମ୍ ଟିମ୍‌କୁ ଚାମ୍ପିୟନ ଘୋଷଣା କରାଯାଇଥିବା ବେଳେ ଇତେଶ କୁମାର ଆର ଗମିତ୍‌ଙ୍କୁ ମ୍ୟାନ ଅଫ ମ୍ୟାଚ୍ ଓ ମ୍ୟାନଅଫ୍ ସିରିଜ ଘୋଷଣା କରାଯାଇଥିଲା। ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସିପିଏମ୍‌ର ୟୁନିଟ୍ ହେଡ୍ ମୁକୁଲ ବର୍ମା ଯୋଗ ଦେଇଥିଲେ। ଜେକେପିଏମ୍‌ର କାର୍ଯ୍ୟ ନିର୍ବାହୀ ଉପସଭାପତି ବିନୟ ଦ୍ୱିବେଦୀ, ଉପସଭାପତି ବାଣିଜ୍ୟ ବିଶ୍ୱଜିତ ଦ୍ୱିବେଦୀଙ୍କ ସହ ସିପିଏମ୍‌ର ମୁଖ୍ୟ ମୁକୁଲ ବର୍ମା ଉପସ୍ଥିତ ରହି ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଶ୍ୱେତା ଦ୍ୱିବେଦୀ ଏବଂ ନିତା ଦ୍ୱିବେଦୀ ବିଜେତା ସିପିଏମ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ବହୁ ଦର୍ଶକ ଉପଭୋଗ କରିଥିଲେ। ଜେକେପିଏମ୍‌ର ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ପରିଶେଷରେ ବିଶ୍ୱଜିତ ଦ୍ୱିବେଦୀ ଉପସ୍ଥିତ ଥିବା ସମସ୍ତ ଟିମ୍, ଦର୍ଶକ ଓ ପରିଚାଳକମାନଙ୍କୁ ଧନ୍ୟବାଦ ଦେବା ସହ ନୂତନ ବର୍ଷର ଶୁଭ କାମନା ଜଣାଇଥିଲେ। ଜେକେପିଏମ୍‌ର ଲୋକ ସମ୍ପର୍କ ଅଧିକାରୀ ମିଳନ ଲେଙ୍କା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ତଥ୍ୟର ସମ୍ୟକ ସୂଚନା ପ୍ରଦାନ କରିଥିଲେ।

# ଇଣ୍ଡିଆ ମେଣ୍ଟ ଓଡ଼ିଶା ଶାଖା ବୈଠକରେ ଯୋଗଦେଲେ ଡ. ଅଜୟ କୁମାର

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ରବିବାର କଂଗ୍ରେସ ସମେତ ରାଜ୍ୟର ୧୭ଗୋଟି ସମଭାବାପନ୍ନ ରାଜନୈତିକ ଦଳ (ବିଜେଡ଼ି ଓ ବିଜେପି ବ୍ୟତୀତ) ମୁଖ୍ୟମାନଙ୍କର ଏକ ବୈଠକ ରାଜ୍ୟ ଅତିଥି ଭବନ, ଭୁବନେଶ୍ୱର ଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନବନିଯୁକ୍ତ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଯୋଗଦେଇଥିଲେ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଆସନ ବୁଝାମଣା ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକ ଏହି ମେଣ୍ଟର ଅଧ୍ୟକ୍ଷ ଏବଂ ପ୍ରସାଦ ହରିଚନ୍ଦନ ଇଣ୍ଡିଆମେଣ୍ଟ ଓଡ଼ିଶାର ଆବାହକ ଏବଂ ସାଂସଦ ସପ୍ତଗିରି ଉଲ୍ଲାକାଙ୍କୁ ନେଇ ଏକ ତିନିଜଣିଆ କମିଟି ସର୍ବସମ୍ମତିକ୍ରମେ ଗଠନ କରାଗଲା। ଉକ୍ତ କମିଟି ଅନ୍ୟ ରାଜନୈତିକ ଦଳମାନଙ୍କ ସହ ଏ ସମ୍ପର୍କରେ ଆସନ୍ତା ନିର୍ବାଚନ ପାଇଁ ଆସନ ବୁଝାମଣା ସଂପର୍କରେ ଆଲୋଚନା କରିବେ। ଆସନ୍ତା ଜାନୁଆରୀ ମାସ ୧୭ ତାରିଖ ପାଖରୁ ଇଣ୍ଡିଆ ମେଣ୍ଟର ସମସ୍ତ ନେତୃବୃନ୍ଦ ବସ୍ ଯାତ୍ରା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲାଗସ୍ତ କରି ପ୍ରତ୍ୟେକ ଜିଲ୍ଲାରେ ଏବଂ ବ୍ଲକରେ ମିଳିତ ଭାବରେ ସଭାସମିତି କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା। ଉଭୟ ବିଜେଡ଼ି ଓ ବିଜେପିର ଜନମାରଣ ନୀତି ଓ ନିଷ୍ପତ୍ତିକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରାଯିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପକ୍ଷରୁ ଜୟଦେବ ଜେନା, ସିପିଏମ୍‌ର ଜନାର୍ଦ୍ଦନ ପତି, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଅଞ୍ଜଳି ସୋରେନ, ଦିଗମ୍ବର ନାୟକ, ସିପିଆଇଏମ୍‌ର ଅଲିକିଶୋର ପଟ୍ଟନାୟକ, ସିପିଆଇର ସନ୍ତୋଷ ମିଶ୍ର, ସମାଜବାଦୀ ପାର୍ଟିର ସଭାପତି ରବିନ୍ଦ୍ର ବେହେରା, ଏନ୍.ସି.ପିର ବିକ୍ରମ ସ୍ୱାଇଁ, ସିପିଆଇଏମଏଲର ଅଶୋକ ପ୍ରଧାନ, ସିପିଆଇଏମଏଲ ୟୁନାଇଟେ ଯୁଧିଷ୍ଠୀର ମହାପାତ୍ର, କ୍ରାନ୍ତିଦଳର ପ୍ରଭାସ ସାମନ୍ତରାୟ, ଜେଡ଼ିୟୁର ସରୋଜ କୁମାର ପୃଷ୍ଟି, ଚନ୍ଦ୍ରମଣି ନାୟକ, ଆରଜେଡ଼ିର ହରିଷ ମହାପାତ୍ର, ଆପର ସୌମ୍ୟରଞ୍ଜନ ସ୍ୱାଇଁ, ସିବାଜୀ ମୌଳିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ଭେଟେରାନ ଟି- ୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ବାରିପଦା,ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବାରିପଦା କଲେଜ ପଡ଼ିଆରେ ସିକ୍ରେଟ-୧୧ ଆନୁକୂଲ୍ୟରେ ଆୟୋଜିତ ମୟୂରଭଞ୍ଜ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି ଓ ଫାଇନାଲ ମ୍ୟାଚ୍‌ରେ ଏଟାକ୍-୧୧ ମା' ଅମ୍ବିକା ୱାରିୟର୍ସକୁ ୫୩ ରନରେ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଏଟାକ ୧୧ ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୧୦୬ ରନ କରିଥିଲେ। ଓ ଦଳ ପକ୍ଷରୁ ବାଣିଦତ୍ତ ପରିଡ଼ା ୩୧ ଓ ଭରତ ସ୍ୱାଇଁ ୨୨ ରନ କରିଥିବାବେଳେ ବିପକ୍ଷ ଦଳର ବିକ୍ରମ ବର୍ମା, ଗଦାଧର ନାୟକ ଓ ଲକ୍ଷ୍ମୀଧର ସିଂ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ମା' ଅମ୍ବିକା ୱାରିୟର୍ସ ୫.୪ ଓଭରରେ ୨ ଉଇକେଟ ହରାଇ ୫୩ ରନ କରିଥିଲେ। ଦଳ ପକ୍ଷରୁ ଅମିତ ବିଶ୍ୱାସ ୨୨ ଓ ଦେବାଶିଷ ଗୁପ୍ତା ୨୦ ରନ କରିଥିଲେ। ଶେଖ ଲାଇକୁଦ୍ଦିନ ଓ ସମୀର ବେହେରା ଖେଳ ପରିଚାଳନା କରିଥିବା ବେଳେ ଆନିଷ ମିଶ୍ର ଓ ସୌରଜିତ ସାହୁ ସ୍କୋରିଙ୍ଗରେ ସହାୟତା କରିଥିଲେ। ଦୀପକ ଦାସ ଓ ଗୌତମ ଦାସ ଧାରା ବିବରଣୀ ଦେଇଥିଲେ। ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ବାର୍ ଆସୋସିଏସନର ଉପ ସଭାପତି ସୁଜାତା ମିଶ୍ର, ରୋଟାରୀ କ୍ଲବର ପୂର୍ବତନ ସଭାପତି ରାକେଶ ସିଂ, ସିନେ ନିର୍ଦ୍ଦେଶକ ଓ ପ୍ରଯୋଜକ ସଂଜୀବ ଦ୍ୱିବେଦୀ ପୂର୍ବତନ କ୍ରିକେଟ ଖେଳାଳି ଅମୀୟ ବଳ, ସୋମନାଥ ସିଂହ, ଅରୁଣ କୁମାର ବାରିକ ଓ ସତ୍ୟନାରାୟଣ ସାହୁ ପୁରସ୍କାର ବିତରଣ କରିଥିଲେ। ଚାମ୍ପିଅନ ଦଳ ତଥା ରନର୍ସଅପ ଦଳକୁ ଟ୍ରଫି ସହ ସତ୍ୟ ସୁଷମା ମେମୋରିଆଲ ଟ୍ରଷ୍ଟର ଫାଉଣ୍ଡର ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର ୬୦୦୦ ଓ ୪୦୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଦୀପକ କୁମାର ବେହେରା, ବୋଲର ଭାବେ ପାର୍ଥ ଦେ, ଫିଲ୍‌ଡର ଭାବେ ମଳୟ ମହାନ୍ତି ଓ ଶ୍ରେଷ୍ଠ ଖେଳାଳି ଭାବେ ଅମିତ ବିଶ୍ୱାସ ପୁରସ୍କୃତ ହୋଇଥିଲେ।

E-mail: eemisnp@yahoo.com
Ph.No. 06654-220516
A-1176

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SONEPUR,
e- PROCUREMENT NOTICE
BID IDENTIFICATION No: SNPMI/ 05/2023-24
No-27 Date-09.01.2024 .

| | | |
|---|---|---|
| Name of work | : | Civil Construction WorkS |
| No. of works | : | 6(Six) Nos Minor Irrigation Projects. |
| Estimated cost: | : | From Rs. 15.76 lakh to Rs. 62.75 lakh |
| Tender paper cost | : | Varies from Rs 6000.00 to Rs. 10000.00 |
| Period of completion | : | 3 (Three) to 6 (Six) Calendar months. |
| Class of Contractor | | "B", "C" & "D". |
| Availability of bid documents | : | From 18.01.2024 (11.00 AM) to 01.02.2024 up to (5.000 PM) in website (www.tendersorissa.gov.in) |
| Period of Receipt of bid through on Line | : | From 18.01.2024 (11.00 AM) to 01.02.2024 up to(5.000 PM) through On- Line. |
| Mode of Payment | : | Online. |
| Date of opening of Bid documents/ Technical Bid | : | 02.02.2024 (11.00 AM Onwards) |
| Date of opening of Financial Bid | : | 05.02.2024 (11.00 AM Onwards) |
| Date of Lottery (If required) | | 08.02.2024 (11.00 AM Onwards) |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website | : | http://dowrorissa.gov.in |
| Name & Address of the OIT | : | Superintending Engineer, In front of civil court Dist- Sonepur PIN-767017 E-mail: eemisnp@yahoo.com. |
| Further details can be seen from the E-Procurement website. | : | https://tendersodisha.gov.in |

Sd/- Superintending Engineer
Bolangir (R&B) Division
OIPR-32290/11/0008/2324

OFFICE OF THE
SUPERINTENDING ENGINEER
RURALWORKS DIVISION, BALLIGUDA
rw_balliguda@yahoo.com
O-2147
Government of Odisha e-Procurement Notice
Bid Identification No. Online Tender/15/SERWD BLG/2023-24
Letter No: 91 //RWDBLG Date: 05.01.2024

| | | | |
|---|---|---|---|
| 1 | Name of the work | :: | Road Works |
| 2 | Estimated cost | :: | Rs.5.04 Lakh to 16.95 lakh |
| 3 | Period of Completion | :: | 1(One) Calender month as per Annexure |
| 4 | Date & Time of availability of Bid documents in the Portal | :: | From 10.01.2024 at 10.00 AM to 17.01.2024 up to 5.00 PM |
| 5 | Last Date/ Time for receipt of Bids in the Portal | :: | 18.01.2024 up to 5.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division, Balliguda |

Further details can be seen from the e-procurement portal website https://www.tendersodisha.gov.in
Sd/- Superintending Engineer
Rural Works Division,
Balliguda
OIPR-25164/11/0016/2324

B-1579
GOVERNMENT OF ODISHA
OFFICE OF THE SUPERINTENDING ENGINEER,
PANIKOILI (R&B)DIVISION, PANIKOILI
INVITATION FOR BIDS (IFB)
Email ID:- eepwd.pkl@rediffmail.com
1st Corrigendum to e-procurement
Short Tender Call Notice No. SE PKL (R&B) 39/2023-24
Letter No. 226 dt. 06.01.2024

The last date for availability of tender and receipt through online up to 5:00 P:M of dt.29.01.2024 may be reduced to **dt.19.01.2024** at 5:00 P:M and date of opening may be on dt.20.01.2024 at 11:30 A:M due to some unavoidable circumstances.

All other terms and conditions remain unchanged.

Sd/- Superintending Engineer
Panikoili (R&B) Division
OIPR-34067/11/0034/2324

GOVERNMENT OF ODISHA
Mail I.D- ee_nimapara@yahoo.co.in
OFFICE OF THE EXECUTIVE ENGINEER
RURAL WORKS DIVISION, NIMAPARA
O-2158
No:- Tender Online-Divn.NPR-09/2022-23 Date:- 03.01.2024
e-Procurement Notice

1. Name of the work : Road Work for the year 2022-23.
2. Total No. of Projects : 1 (One) no.
3. Estimated cost of projects : Rs. 59.58 lakh
4. Class of contractor : B class Class (of Odisha PWD) or equivalent Classofother licensingauthorities
5. Time for completion : 06 months

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Nimapara. | Tender On-line-Divn. NPR-09/2023-24 | 10.01.2024 at 11.00 A.M. | 19.01.2024 up to 5.00 P.M | 19.01.2024 up to 11.00 A.M. | 20.01.2024 at 11.00 A.M. Office of the S.E. R.W. Division, Nimapara. | Will be intimated to the qualified Bidders through the Website later |

Further details can be seen from the website www.tendersorissa.gov.in
Sd/- Superintending Engineer
Rural Works Division, Nimapara
OIPR-25099/11/0011/2324

ଭୁବନେଶ୍ୱର
୧୦ ଜାନୁଆରୀ
ବୁଧବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24



ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ସାଧାରଣ ଜନତାଙ୍କୁ ଭେଟୁଛନ୍ତି ।
(ଫଟୋ : ସମ୍ବାଦ କଳିକା)

### ଡଙ୍ଗା ବୁଡି ସମ୍ପର୍କୀତ ଜନସ୍ୱାର୍ଥ ମାମଲା

# ସତ୍ୟପାଠ ଦାଖଲ ପାଇଁ ୨ ସପ୍ତାହ ସମୟ ନେଲେ ସରକାର

**କଟକ, ୯।୧ :ନ୍ୟୁଜ୍‌ବ୍ୟୁରୋ**

ଡଙ୍ଗା ବୁଡ଼ି ସମ୍ପର୍କୀତ ଜନସ୍ୱାର୍ଥ ମାମଲାରେ କ୍ଷତିପୂରଣ ସଂକ୍ରାନ୍ତୀୟ ତଥ୍ୟ ଦେଇପାରିଲେନି ରାଜ୍ୟ ସରକାର । ସତ୍ୟପାଠ ଦାଖଲ ପାଇଁ ଦୁଇ ସପ୍ତାହ ସମୟ ନେଲେ ସରକାର ।

ସୂଚନାଯୋଗ୍ୟ ଯେ, ଡଙ୍ଗା ବୁଡ଼ି ଘଟଣାରେ କେତେ ସରକାରୀ କ୍ଷତିପୂରଣ ଦିଆଯାଉଛି ସେ ନେଇ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ବିଭିନ୍ନ ନଦୀ ଓ ଚିଲିକାରେ ଡଙ୍ଗା ବୁଡି ନେଇ ରୁଜୁ ହୋଇଛି ତିନୋଟି ମାମଲା । ତିନୋଟି ମାମଲାର ଏକତ୍ର ଶୁଣାଣି ଚାଲିଛି । ଦୁଇ ସପ୍ତାହ ପରେ ହେବ ପରବର୍ତ୍ତୀ ଶୁଣାଣି ।



### ଅବଢ଼ା ପେଜରୁ ବାହାରିବ ବିଶୁଦ୍ଧ ଜଳ

# ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ପ୍ରତିଷ୍ଠା ହେବ ପେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

**ପୁରୀ, ୯।୧ :ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଗୁ ଶ୍ରଦ୍ଧାଳୁଙ୍କର ଅନେକ ସମସ୍ୟା ଦୂର ହୋଇପାରିଛି । ଶ୍ରୀମନ୍ଦିର ରୋଷଶାଳା ଭିତରୁ ଦୈନିକ ବାହାରୁ ଥିବା ଶହଶହ ଲିଟର ପେଜ ଏକ ବଡ଼ ସମସ୍ୟା ସାଜିଥିଲା । ହେଲେ ପରିକ୍ରମା ପ୍ରକଳ୍ପ ଅଧୀନରେ ଏହି ସମସ୍ୟା ଦୂର ହୋଇପାରିଛି । ଦକ୍ଷିଣ ଦ୍ୱାର ନିକଟରେ ପ୍ରତିଷ୍ଠା କରାଯାଇଛି ପେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ । ରୋଷଶାଳାର ଅବଢ଼ାର ପେଜ ଏହି ପ୍ଲାଣ୍ଟରେ ବିଶୋଧିତ ହେବ ।



ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ମଧ୍ୟରେ କେତେକ ପ୍ରକ୍ରିୟା ମାଧ୍ୟମରେ ପେଜକୁ ବିଶୁଦ୍ଧ ଜଳରେ ପରିଣତ କରାଯିବ । ଏହି ଜଳ ବୃକ୍ଷରୋପଣଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହୋଇପାରିବ । ଫଳରେ ପେଜ ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବ ହ୍ରାସ ପାଇବ । ପାଖାପାଖି ୩ କୋଟି ଟଙ୍କା ଏହି ପ୍ଲାଣ୍ଟରେ ଖର୍ଚ୍ଚ ହୋଇଛି । ପ୍ଲାଣ୍ଟର ଟ୍ରାଏଲ ସଫଳ ହୋଇଛି ।

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ପ୍ଲାଣ୍ଟ ସଂପୂର୍ଣ୍ଣ ରୂପେ କାମରେ ଲାଗିବ । ସମସ୍ତ ମେସିନ ପ୍ରତିଷ୍ଠା ହୋଇସାରିଛି । ପ୍ଲାଣ୍ଟ ଗୃହ ନିର୍ମାଣ ପାଖାପାଖି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି । ୧୭ ତାରିଖ ସୁଦ୍ଧା ସମସ୍ତ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଓବିସିସି ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀଙ୍କ ସୂଚନା ମୁତାବକ, ଶ୍ରୀମନ୍ଦିର ରୋଷଶାଳାରୁ ଆସୁଥିବା ପେଜ ଭୂତଳ ରାସ୍ତା ଦେଇ ପ୍ଲାଣ୍ଟକୁ ଆସୁଛି । ବିଭିନ୍ନ ପ୍ରକ୍ରିୟାରେ ପେଜ ବିଶୋଧୀକରଣ ହେବ । ଏଥିରୁ ଜଳୀୟ ଅଂଶକୁ ଅଲଗା କରି ସ୍ୱଚ୍ଛ ଜଳ ବାହାର କରାଯିବ । ଅବଶିଷ୍ଟ କଠିନ ପଦାର୍ଥ ବଳକା ରହିଯିବ ।

# ବ୍ୟାଙ୍କ ସମ୍ମୁଖରୁ ମହିଳାଙ୍କ ଠାରୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ ଘଟଣା : ଜଣେ ଗିରଫ

**ଚଣ୍ଡିଖୋଲ, ୯।୧ :ନ୍ୟୁଜ୍‌ବ୍ୟୁରୋ**

ବ୍ୟାଙ୍କ ସମ୍ମୁଖରୁ ମହିଳାଙ୍କ ଠାରୁ ୪ଲକ୍ଷରୁ ଅଧିକ ଟଙ୍କା ଲୁଟ୍ ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ବାଲିଚନ୍ଦ୍ରପୁର ଥାନା ପୋଲିସ ।

ସୂଚନାଯୋଗ୍ୟ ଯେ, ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଷ୍ଟେଟ ବ୍ୟାଙ୍କ ଶାଖା ସମ୍ମୁଖରୁ ଗତ ୪ ତାରିଖରେ ମହିଳାଙ୍କଠୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ୍ତ । ଭରିନଙ୍ଗଳ ଏସ୍‌ଏଚ୍‌ଜିର ମହିଳାମାନେ ବ୍ୟାଙ୍କରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ଘରକୁ ଫେରୁଥିବା ସମୟରେ ବାଲିଚନ୍ଦ୍ରପୁର ବଜାରରେ ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ । ଏନେଇ ମହିଳାମାନେ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲିଚନ୍ଦ୍ରପୁର ପୋଲିସର ଏକ ଟିମ୍ ସିସିଟିଭି ଆଧାରରେ ଦୁର୍ବୃତ୍ତକୁ ଧରିବାରେ ସକ୍ଷମ ହୋଇଛି । ସମ୍ପୃକ୍ତ ଘଟଣାରେ ଜଣକୁ ବାଲିଚନ୍ଦ୍ରପୁର ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଆହୁଲା ସନ୍ତୋଷ ଗଞ୍ଜାମ ଜିଲ୍ଲାର ବୋଲି ଜଣାପଡିଛି । ମୋଟ ୪ ଲକ୍ଷ ଟଙ୍କା ଜବତ କରାଯାଇଛି । ଏହି ଲୁଟ୍ ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି ସେନେଇ ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି ।

# ରାଜଧାନୀରେ ଦେଢ଼ ଲକ୍ଷ ଟଙ୍କା ଓ ୮ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍

**ଭୁବନେଶ୍ୱର, ୯।୧ :ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ଗଣ୍ଡମୁଣ୍ଡାରୁ ହୋଇଛି ଲୁଟ୍ । ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଛୋଟେଲାଲ ଶର୍ମାଙ୍କ ଘରୁ ଲୁଟ୍ ହୋଇଥିବା ଅଭିଯୋଗ ଆସିଛି । ଘରେ ଶୋଇଥିବା ବେଳେ ଭୋର ୫ଟା ସମୟରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ଘରୁ ପ୍ରାୟ ଦେଢ଼ ଲକ୍ଷ ନଗଦ



ଟଙ୍କା ଓ ୮ ଲକ୍ଷ ଟଙ୍କାର ଗହଣା ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି । ସବୁଠୁ ବଡ଼ କଥା ହେଲା, ଲୁଟ୍ ସମୟରେ ସ୍ୱାମୀ -ସ୍ତ୍ରୀ ଯେଉଁ ରୁମ୍‌ରେ ଶୋଇଥିଲେ ସେଇ ରୁମ୍‌ରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।



ଅଯୋଧ୍ୟା : ଶ୍ରୀରାମ ମନ୍ଦିରରେ ସୁନାରେ ନିର୍ମିତ ପ୍ରଥମ ଦ୍ୱାର ସ୍ଥାପନ କରାଯାଇଛି । ମନ୍ଦିରରେ ଏହିଭଳି ଆଉ ୧୩ଟି ସୁନାର ଦ୍ୱାର ସ୍ଥାପନ କରାଯିବ ।

# ଅଜୟ କୁମାରଙ୍କ ଗସ୍ତ : ଓଡ଼ିଶା କଂଗ୍ରେସ ପାଇଁ ସଞ୍ଜିବନୀ ହେବ

**ଭୁବନେଶ୍ୱର, ୯।୧ :ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କଂଗ୍ରେସର ନୂତନ ପ୍ରଭାରୀ ଅଜୟ କୁମାରଙ୍କ ଗସ୍ତ ରାଜ୍ୟରେ ଦଳ ପାଇଁ ସଞ୍ଜିବନୀ ହେବ । ଆଗାମୀ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଜଣେ ଦକ୍ଷ ସଂଗଠକ ଭାବେ ଜଣାଶୁଣା ଅଜୟ କୁମାରଙ୍କୁ ଓଡ଼ିଶା ପ୍ରଭାରୀ ଦାୟିତ୍ୱ ଦିଆଯାଇଥିବାରୁ ରାଜ୍ୟରେ କଂଗ୍ରେସ ନେତା ଓ କର୍ମୀ ମହଲରେ ଉତ୍ସାହ ସୃଷ୍ଟି ହୋଇଛି । ଅଜୟ କୁମାରଙ୍କ ଓଡ଼ିଶା ଗସ୍ତ ଫଳରେ ଦଳ ନିଶ୍ଚିତ ଭାବେ ଆଗାମୀ ଦିନରେ ବଳିଷ୍ଠ ଓ ସୁସଂଗଠିତ ହୋଇପାରିବ ବୋଲି ବିଶିଷ୍ଟ ରାଜନୈତିକ ସମୀକ୍ଷକ ତଥା ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ମତ ଦେଇଛନ୍ତି ।

ସେ କହିଛନ୍ତି ଯେ ବିଗତ କିଛି ବର୍ଷ ହେଲାଣି କିଛି ନେତା ଓ କର୍ମୀଙ୍କୁ ଦଳରୁ ବହିଷ୍କାର କରାଯିବା ଛଡ଼ା ଓଡ଼ିଶାରେ କଂଗ୍ରେସ ଦଳର ସେପରି କିଛି ବିଶେଷ କାର୍ଯ୍ୟକ୍ରମ ନଥିଲା । ତେବେ ଅଜୟ କୁମାରଙ୍କ ଗସ୍ତ ନିଶ୍ଚିତ ଭାବେ ନେତା ଓ କର୍ମୀଙ୍କ ମଧ୍ୟରେ ନୂତନ ଆଶାର ସଞ୍ଚାର ସୃଷ୍ଟି କରିଛି । କାରଣ ଆଗରୁ ଓଡ଼ିଶାରେ କଂଗ୍ରେସର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା ଓ ଦଳ ଭେଣ୍ଟିଲେଟରରେ ରହିଥିଲା ଭଳି ଜଣାପଡୁଥିଲା । କିଛି ବରିଷ୍ଠ ନେତା ଦଳରୁ ଦୂରେଇ ଯାଇଥିଲେ । ଅଜୟ କୁମାର ଆସିବା ପରେ ସେ ଚାହୁଁଛନ୍ତି ପୁରୁଣା ବରିଷ୍ଠ କଂଗ୍ରେସ ନେତାମାନଙ୍କର ଘରବାହୁଡ଼ା ହେଉ । ସେମାନେ ଫେରିଲେ ଦଳ ଆହୁରି ମଜଭୁତ ହୋଇପାରିବ । ଏ ଦିଗରେ ଅଜୟ କୁମାର ନିଶ୍ଚିତ କାମ କରିବେ । ଦକ୍ଷ ସଂଗଠକ ଭାବେ ଦଳରେ କେଉଁଠି ରୋଗ ରହିଛି ଏବଂ ତା'ର ନିଦାନ କିପରି କରାଯାଇପାରିବ ସେକଥା ଅଜୟ କୁମାରଙ୍କୁ ଭଲ ଭାବେ ଜଣାଅଛି । ସେଥିପାଇଁ ଦଳର ସବୁ ନେତାଙ୍କୁ ନେଇ ସଂଗଠନକୁ ସୁଦୃଢ଼ କରିବା ଦିଗରେ ସେ କାମ କରିବେ ବୋଲି ଆଶା କରାଯାଉଛି । ଆଗାମୀ ନିର୍ବାଚନରେ ଦଳ କେତେ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ଓ ଜିତିବ ତାହା ଘୋଷଣା କରାଯାଇନଥିଲେ ମଧ୍ୟ ଅଜୟ କୁମାର ଓଡ଼ିଶାରେ କଂଗ୍ରେସ ଦଳକୁ ସୁସଂଗଠିତ କରିବା ସହ ଭଲ ଫଳାଫଳ ଆଣିବାରେ ସହାୟକ ହେବେ ବୋଲି ଶ୍ରୀ ପଟ୍ଟନାୟକ ମତ ରଖିଛନ୍ତି ।

### ୪ବର୍ଷର ପୁଅକୁ ହତ୍ୟା କଲା ମା'

# ବ୍ୟାଗ୍‌ରୁ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର

**ବେଙ୍ଗାଲୁରୁ, ୯।୧**

ନିଜ ୪ ବର୍ଷର ପୁଅକୁ ମାରି ବ୍ୟାଗରେ ଭର୍ତ୍ତି କରି ଯାତ୍ରା କଲା ମାଆ । ବେଙ୍ଗାଲୁରୁର ଏକ ଏଆଇ କମ୍ପାନୀର ସିଇଓଙ୍କ ଏପରି କାଣ୍ଡ ସମସ୍ତଙ୍କୁ ଚକିତ କରିଛି । ପୁଅକୁ ଗୋଆରେ ହତ୍ୟା କରି ସେଠାରୁ ବେଙ୍ଗାଲୁରୁ ଆଣୁଥିଲେ । ପୋଲିସ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଛି । ମହିଳାଙ୍କ ବୟସ ୩୯ ବର୍ଷ । ସେ ବେଙ୍ଗାଲୁରୁରେ ଏକ ଆରଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟ ଅପ୍ କମ୍ପାନୀର ସିଇଓ ଅଛନ୍ତି । ସେ ଗୋଆର ଏକ ଆପାର୍ଟମେଣ୍ଟରେ ରହୁଥିଲେ । ଛାଡ଼ପତ୍ର ଦେଇଥିବା ପୂର୍ବତନ ସ୍ୱାମୀ ସହ ପୁଅକୁ ଭେଟ କରାଇବାକୁ ଚାହୁଁନଥିଲେ ମହିଳା । ସେଥିଲାଗି ମହିଳା ଜଣକ ପୁଅକୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

ସୂଚନା ଅନୁସାରେ, ଗୋଆରେ ଏକ ହୋଟେଲରେ ରହିଥିଲେ । ମହିଳା ଜଣଙ୍କ ହୋଟେଲରୁ ଚେକ୍ ଆଉଟ୍ କରି ବାହାରିବା ପରେ ସେହି ହୋଟେଲର କର୍ମଚାରୀ ରୁମ୍‌କୁ ଯାଞ୍ଚ କରିବାକୁ ଯାଇଥିଲେ । ସେତେବେଳେ ହୋଟେଲ ରୁମ୍‌ରେ ସେ ରକ୍ତର ଛିଟା ଦେଖିଥିଲେ । ଏହାପରେ ତୁରନ୍ତ ହୋଟେଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ । ହୋଟେଲ କର୍ତ୍ତୃପକ୍ଷ ତୁରନ୍ତ ଗୋଆର ସ୍ଥାନୀୟ ପୋଲିସକୁ ସମ୍ପର୍କ କରିବା ପରେ ଗୋଆ ପୋଲିସ ଆସି ତଦନ୍ତ ଆରମ୍ଭ କରିଥିଲା ।



ସିସିଟିଭି ଯାଞ୍ଚରୁ ସମ୍ପୃକ୍ତ ମହିଳା ଜଣକ ପୁଅ ବିନା ହୋଟେଲରୁ ବାହାରୁଥିବା ଦେଖିବାକୁ ମିଳିଥିଲା । ହୋଟେଲରୁ ବାହାରି ଏକ ଟାକ୍ସି ଯୋଗେ ବେଙ୍ଗାଲୁରୁ ଯାଇଥିଲେ । ଏହାପରେ ଗୋଆ ପୋଲିସ ହୋଟେଲ କର୍ତ୍ତୃପକ୍ଷଙ୍କୁ ପଚାରି ଟାକ୍ସି ଡ୍ରାଇଭର ନମ୍ବରକୁ ଯୋଗାଯୋଗ କରିଥିଲା । ଫୋନରେ ସମ୍ପର୍କ ହେବା ସମୟରେ ସେ କର୍ଣ୍ଣାଟକର ଚିତ୍ରଦୁର୍ଗ ଅଞ୍ଚଳରେ ଥିଲେ । ପୋଲିସ ତୁରନ୍ତ ଡ୍ରାଇଭରକୁ ସ୍ଥାନୀୟ ଥାନାକୁ ଗାଡ଼ି ନେଇଯିବାକୁ କହିଥିଲା । ଏହାପରେ ସ୍ଥାନୀୟ ଏମଙ୍ଗଳା ଥାନାର ଅଧିକାରୀଙ୍କୁ କାର୍‌ରେ ଥିବା ମହିଳାଙ୍କ ବ୍ୟାଗ୍ ଯାଞ୍ଚ କରିବାକୁ କହିଥିଲେ । ଯାଞ୍ଚବେଳେ ବ୍ୟାଗରୁ ୪ ବର୍ଷ ପୁଅର ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଥିଲା । ମାମଲାର ଛାନ୍‌ଭିନ୍ ପାଇଁ ଗୋଆ ପୋଲିସ ଚିତ୍ରଦୁର୍ଗ ଅଭିମୁଖେ ଯାତ୍ରା କରି ମହିଳାଙ୍କୁ ଟ୍ରାଜିଂଟ ରିମାଣ୍ଡରେ ଗୋଆ ଆଣି ଅଧିକ ତଦନ୍ତ କରିବ ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବ୍ରାଉନସୁଗାର ଜବତ : ମହିଳାଙ୍କ ସମେତ ୨ ଗିରଫ



**ଭଦ୍ରକ, ୯।୧ :ନ୍ୟୁଜ୍‌ବ୍ୟୁରୋ**

ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାର୍ଡ ନିରୀକ୍ଷକ ସୁଶ୍ରୀ ସଂଗୀତା ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅମରଗଡ଼ିଆ ଗ୍ରାମ ନିକଟରେ ପାଟ୍ରୋଲିଂ ସମୟରେ ୪୫ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି । ଏଥିରେ ସମ୍ପୃକ୍ତ ନରିପୁର ଗ୍ରାମର ଗୀତାରାଣୀ ବେହେରା ଓ ସୁଶାନ୍ତ କୁମାର ଦାସଙ୍କୁ ଗିରଫ କରାଯାଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ଉରେ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଉପ-ନିରୀକ୍ଷକ ରବି ବେହେରା, ଏସ୍.ଆଇ ଅଭିଳାଷ ପାଲ ଏବଂ ସନ୍ଦୀପ ପାଢ଼ୀ, ଏ.ଏସ୍.ଆଇ ଦୀପକ କୁମାର ରାଉତ, ରମେଶ ଓ ରଶ୍ମିରେଖା ଜେନା, କନେଷ୍ଟବଳ ସୁବାଶିଷ ରାଉତ, ମିଥୁନ ଜେନା, ଅଜୟ କୁମାର ଦାସ, ବିଭୂପ୍ରସାଦ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଭଦ୍ରକ ଭ୍ରାମ୍ୟମାଣ ସ୍କ୍ୱାର୍ଡ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି ।

ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚିଦାନନ୍ଦ କର, ମୁଠାଏ ଆଶା- ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । |
| --- | --- |
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୬୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |

# ଭିଜିଲାନ୍ସ ଜାଲରେ ଏମ୍‌ଭିଆଇ : ଏକକାଳୀନ ୭ ସ୍ଥାନରେ ଚାଲିଛି ଚଢ଼ଉ

**ଭୁବନେଶ୍ୱର, ୯।୧**
**ନ୍ୟୁଜ୍‌ବ୍ୟୁରୋ**

ଭିଜିଲାନ୍ସ ଜାଲରେ ମଟର ଯାନ ନିରୀକ୍ଷଣ ଅଧିକାରୀ (ଏମଭିଆଇ) । ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ନୟାଗଡ଼ ଏମ୍‌ଭିଆଇ ପଞ୍ଚାନନ ବେହେରାଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ପଞ୍ଚାନନଙ୍କ ପୈତୃକ ଘର ସମେତ ୭ଟି ସ୍ଥାନରେ ଏହି ଚଢ଼ଉ କରାଯାଇଛି । ପଞ୍ଚାନନଙ୍କ ନୟାଗଡ଼ ସ୍ଥିତ କାର୍ଯ୍ୟାଳୟ, ଭଡ଼ା ଘର ସମେତ ଭୁବନେଶ୍ୱର ଶୈଳଶ୍ରୀବିହାର ସ୍ଥିତ କୋଠା, ପାଣ୍ଡରା ସ୍ଥିତ ଘର, କଟକ ସାଲେପୁରର ପୈତୃକ ଘରେ ଚଢ଼ଉ କରାଯାଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲା ଗୋବିନ୍ଦପୁର ଓ ଭୁବନେଶ୍ୱର ପାଣ୍ଡରାରେ ଥିବା ସଂପର୍କୀୟଙ୍କ ଘରେ ମଧ୍ୟ ଚଢ଼ଉ କରିଛି ଭିଜିଲାନ୍ସ ଟିମ୍ ।

ଏହି ଚଢ଼ଉରେ ୬ଜଣ ଭିଜିଲାନ୍ସ ଡିଏସ୍‌ପି, ୩ଜଣ ଇନସପେକ୍ଟର, ୮ଜଣ ଏଏସଆଇ ଓ ଅନ୍ୟାନ କର୍ମଚାରୀ ସାମିଲ ହୋଇଛନ୍ତି ।